ପୋକତୁଙ୍ଗା ପ୍ରାଥମିକ କୃଷି ସମବାୟ ସମିତିରେ ଦୁର୍ନୀତି

# ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍!

ଅନୁଗୋଳ, ୧୯ ।୨(ସମିସ)



ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ପୋକତୁଙ୍ଗା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିମିଟେଡ୍‌ରେ ଦୁର୍ନୀତି ନେଇ ବୁଧବାର ଓଡ଼ିଶା ସରକାରଙ୍କ ଢେଙ୍କାନାଳ-ଅନୁଗୋଳ ସହକାରୀ ମହାସମୀକ୍ଷକ ସମବାୟ ସମିତି ସମୂହ ଅଧିକାରୀ ବାଲୁଙ୍କେଶ୍ୱର ଦାସଙ୍କୁ ଅଭିଯୋଗ କରାଯାଇଛି। ଦାସଙ୍କ ଅନୁପସ୍ଥିତରେ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ଅଡିଟର ଜେନରାଲ କୋ-ଅପରେଟିଭ ସୋସାଇଟି

**● ଭିଜିଲାନ୍ସ ତଦନ୍ତ ସହ ୨୦୧୬ରୁ ୨୦୨୫ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଡିଟ୍ ଦାବି**

ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ ସମିତିରେ ୨୦୧୬ରୁ ୨୦୨୫ ପର୍ଯ୍ୟନ୍ତ ଡେ' ବୁକ, କ୍ୟାସବୁକ, ଲେଜର ବୁକ ଆଦି ସମିତି ସମ୍ପାଦକ ନକଲ କରି ପୋକତୁଙ୍ଗା, ଧୋକୁଟା, ନନ୍ଦପୁର ଆଦି ତିନି ପଞ୍ଚାୟତର ଚାଷୀମାନଙ୍କ ଜମା ଟଙ୍କାକୁ କିଛି ମାତ୍ରାରେ ନେଣଦେଣ କରି ଚାଷୀଙ୍କ ତାହାକୁ ସମ୍ପାଦକ ଆତ୍ମସାତ କରିଛନ୍ତି। ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ଅଡିଟର ଅଡିଟ କରି ଆସିଥିବା ବେଳେ କୌଣସି କାଗଜପତ୍ର ନାହିଁ ବୋଲି ଚିଠିରେ ଦର୍ଶାଇ ଫେରିଯାଇଛନ୍ତି। ଏନେଇ ବାରମ୍ବାର ସମିତି ବୋର୍ଡ ମିଟିଂରେ ଆଲୋଚନା କରାଯାଇ ସଭାବହିରେ ମଣ୍ଡିତ କରି ଲେଖାଯାଇଥିଲା। କିନ୍ତୁ ସମ୍ପାଦକ ସଭାବହିରେ ଗୃହୀତ ଲେଖାକୁ ଲିଭାଇ ଫର୍ଜରି କରାଯାଇଥିଲା। ଏ ନେଇ ୭ ଜଣ ସ୍ଥାୟୀ ନିର୍ଦ୍ଦେଶକ ୨୦୨୪ ଡିସେମ୍ବର ୧୯ରେ ୧୬ଟି ଦୁର୍ନୀତି ଅଭିଯୋଗ ନେଇ ନିଜ ନିଜ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ୨୦୨୪ ଡିସେମ୍ବର ୨୩ରେ ୨୦ଟି ଦୁର୍ନୀତି ଅଭିଯୋଗ ନେଇ ଅନୁଗୋଳ ଜିଲ୍ଲାପାଳ, ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ମୁଖ୍ୟ ସମ୍ପାଦକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ୨୦୨୪ ଡିସେମ୍ବର ୨୪ରେ ସମିତିର ସମ୍ପାଦକଙ୍କଠାରୁ ଆର୍ଥିକ କ୍ଷମତା ହଟାଇ ଦିଆଯାଇଥିଲା। ଡିସେମ୍ବର ୨୬ରେ ଅନୁଗୋଳ ମୁଖ୍ୟଶାଖାର ସୁପରଭାଇଜର ତନୟ କୁମାର ମାଝୀଙ୍କୁ ପୋକତୁଙ୍ଗା ସେବା ସମବାୟ ସମିତିର ନୂତନ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲେ ମଧ୍ୟ ସମ୍ପାଦକ ତାଙ୍କୁ ଯୋଗଦାନ କରାଇ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ସେ ୨୦୨୫ ଜାନୁଆରୀ ୨ରେ ଯୋଗଦାନ କରିବା ପରେ ଫେବୃଆରୀ ୧୪ରେ ସହକାରୀ ନିବନ୍ଧକ କାର୍ଯ୍ୟାଳୟରୁ ଏସଆର ଦୁଇଜଣ ଓ ମୁଖ୍ୟ ଶାଖା ପରିଚାଳକ ତଦନ୍ତରେ ଆସି ନୂତନ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ।

ବିନା କ୍ୟାସ, ସଠିକ ଭାବେ ଲେଜର ଅପଡେଟ ନ କରିବା ସହ ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ଅଧିକ ଦୁର୍ନୀତି କରିବାକୁ ସୁଯୋଗ ଦିଆଯାଇଛି। ଆର୍ଥିକ କ୍ଷମତା ହଟିବା ଦିନ ସମ୍ପାଦକ ରବିନାରାୟଣ ସାହୁ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ୧ ଲକ୍ଷ ୮୨ ହଜାର ୭୯୦ ଟଙ୍କା କ୍ୟାସ ଦେଇଥିଲେ ମଧ୍ୟ ତାହାର କୌଣସି ହିସାବ ନାହିଁ। ଅନ୍ୟପକ୍ଷରେ ଡେ' ବୁକରେ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ୨୬ ଲକ୍ଷ ୮୫ ହଜାର ୭୧୧ ଟଙ୍କା ବାଲାନ୍ସ ଦେଖାଉଥିବା ବେଳେ ସେହି ଟଙ୍କା ସମ୍ପାଦକ ଆତ୍ମସାତ କରିଥିବା ଜଣାପଡ଼ିଛି। ରବି ନାରାୟଣଙ୍କଠାରୁ ଆର୍ଥିକ କ୍ଷମତା ହଟାଇନେବା ପରେ ସେ କିପରି ସମିତି ଧାନମଣ୍ଡିରେ ଧାନ କିଣାବିକା ଆଜିପର୍ଯ୍ୟନ୍ତ କରୁଛନ୍ତି ଓ ଡେ' ବୁକ ଡିସେମ୍ବର ୩୧ ପର୍ଯ୍ୟନ୍ତ କଲେ ସେ ନେଇ ପ୍ରଶ୍ନ ଉଠାଯାଇଛି। ଅନ୍ୟପକ୍ଷରେ ୨୦୧୫-୧୬ରେ ଅଡିଟ ସମୟରେ ଅଡିଟର ୨ ଲକ୍ଷ ୧୬ ହଜାର ଟଙ୍କା ରିକଭରି ଦର୍ଶାଇ ସମ୍ପାଦକ ରବିନାରାୟଣଙ୍କୁ ନିଲମ୍ବନ କରିଥିଲେ। ପୁନର୍ବାର ୨୦୨୪ ନଭେମ୍ବର ୧୬ରେ ମାତ୍ର ୫୦ ହଜାର ଟଙ୍କା ରିକଭରି କରି ନିଲମ୍ବନ ପ୍ରତ୍ୟାହାର କରି ଦାୟିତ୍ୱ ଦେଇଥିଲେ। ତେଣୁ ସମ୍ପାଦକ ସାହୁଙ୍କୁ ଅଧିକରୁ ଅଧିକ ଦୁର୍ନୀତି କରିବା ପାଇଁ ବ୍ୟାଙ୍କଠାରୁ ଆରମ୍ଭ କରି ସହକାରୀ ନିବନ୍ଧକ, ଏସଆର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ସୁଯୋଗ ଦେଇଛନ୍ତି। ୨୦୧୫ରୁ ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ନକଲି ଭାଉଚର ବନାଇ ଦୁର୍ନୀତି କରି ଚାଷୀଙ୍କ ଟଙ୍କା ହଡ଼ପ କରାଯାଇଛି। ସମିତିରେ ଅସଲି କାଗଜପତ୍ର ଭାଉଚର ନାହିଁ। ତେଣୁ ସମ୍ପୂର୍ଣ୍ଣ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହୋଇଛି। ତେଣୁ ପୋକତୁଙ୍ଗା ସେବା ସମବାୟ ସମିତିକୁ ବଞ୍ଚାଇବାକୁ ଯାଇ ମନ୍ଦରଧର ପ୍ରଧାନ, ନିରୋଦ ସାହୁ, ଦୀନେଶ ଦେହୁରୀ, ବସନ୍ତ କୁମାର ପ୍ରଧାନ, ନିରଞ୍ଜନ ବାରିକ, କୁମୁଦ ନାଏକ, ଦାମୋଦର ନାଏକ, ସଞ୍ଜୟ ସାହୁ ପ୍ରମୁଖ ୮ ଜଣ ସ୍ଥାୟୀ ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇ ବଳିଦାନ ଦେଇଥିଲେ। ଏହି ଘଟଣାକୁ ଇତିମଧ୍ୟରେ ୩ ବିତିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ଭିଜିଲାନ୍ସ ତଦନ୍ତ ସହ ସ୍ୱତନ୍ତ୍ର ଅଡିଟ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ତିନି ପଞ୍ଚାୟତର ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି।

## ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ତାଳଚେର ସହର, ୧୯ ।୨(ସମିସ): ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ ଦୁର୍ବୃତ୍ତ। ସକାଳୁ ଘର ବାହାରକୁ ଅଳିଆ ପକାଇବାକୁ ଯାଇଥିବା ବେଳେ ଦୁଇ ଦୁର୍ବୃତ୍ତ ବାଇକରେ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଏହି ଘଟଣା ସିସିଟିଭିରେ କଏଦ ହୋଇଛି। ତାଳଚେର ବାଘୁଆବୋଲ ଅଞ୍ଚଳରେ ଏହି ଘଟଣା ଘଟିଛି। ବାଘୁଆବୋଲ ଅଞ୍ଚଳର ଅରୁନ୍ଧତୀ ମହାନ୍ତି ସକାଳେ ନିଜ ଘର ଅଳିଆ ପକାଇବାକୁ ବାହାରକୁ ଯାଇଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ବାଇକରେ ଆସି ମହିଳାଙ୍କ ପାଖରେ ପହଞ୍ଚିଥିଲେ। ଠିକଣା ପଚାରିବା ବାହାନାରେ ତାଙ୍କଠାରୁ ସୁନାଚେନ ଝାମ୍ପିନେଇଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଘରୁ ସମସ୍ତେ ବାହାରି ଆସିଥିଲେ। କିଛି ସମୟ ପରେ ସିସିଟିଭି ଯାଞ୍ଚକରି ପରିବାର ଲୋକେ ଦୁଇ ଦୁର୍ବୃତ୍ତଙ୍କୁ ତାଳଚେର ଡେରା ଅଞ୍ଚଳରେ ଠାବ କରିବାରେ ସକ୍ଷମ ହୋଇଥିଲେ। ଉଭୟଙ୍କଠାରୁ କିଛି ସୁନା ଅଳଙ୍କାର ଏବଂ ମାରଣାସ୍ତ୍ର ପାଇଥିଲେ। ପରେ ପୁଲିସ ଡେରା ଛକରେ ପହଞ୍ଚି ଉଭୟଙ୍କୁ ଗିରଫ କରିଛି। ତେବେ ଦୁର୍ବୃତ୍ତଙ୍କଠାରୁ ମିଳିଥିବା ସୁନା ଗହଣାକୁ ପୁଲିସ ପରିବାର ଲୋକଙ୍କୁ ଫେରାଇବା ପରିବର୍ତ୍ତେ ଅଧିକ ତଦନ୍ତ ପାଇଁ ଜବତ କରିଥିବା ଦର୍ଶାଇଛି। ଏକ ବଡ଼ ଛିନତାଇ ରାକେଟ ତାଳଚେର ଅଞ୍ଚଳରେ ସକ୍ରିୟ ଥିବା ବେଳେ ପ୍ରତି ଦୁଇ ତିନିଦିନ ବ୍ୟବଧାନରେ ଚୋରି, ଡକାୟତି, ଛିନତାଇ ଭଳି ଘଟଣା ଘଟୁଛି। ଏହାକୁ ନେଇ ତାଳଚେର ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଯୁକ୍ତଦୁଇ କଳା ପରୀକ୍ଷା ଦେଲେ ୭୯୪ ଛାତ୍ରଛାତ୍ରୀ

କିଶୋରନଗର/ବଇଣ୍ଡା, ୧୯ ।୨(ସମିସ): ବୁଧବାର ସାରା ରାଜ୍ୟରେ ଯୁକ୍ତଦୁଇ କଳା ପରୀକ୍ଷା ଆରମ୍ଭ ହୋଇଛି। କିଶୋରନଗର ବ୍ଲକର ୩ ପରୀକ୍ଷା କେନ୍ଦ୍ରରେ ମୋଟ ୭୯୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କିଶୋରନଗର ଯୁକ୍ତଦୁଇ ମହାବିଦ୍ୟାଳୟ କେନ୍ଦ୍ରରେ ସୁପରିନଟେଣ୍ଡେଣ୍ଟ ସୁଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ୪୪୬, ଅଙ୍ଗପଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ରରେ ସୁପରିନଟେଣ୍ଡେଣ୍ଟ ବଳରାମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୧୨୪ ଓ ବଇଣ୍ଡା ଜନତା ମହାବିଦ୍ୟାଳୟରେ ସୁପରିନଟେଣ୍ଡେଣ୍ଟ କାଳନ୍ଦୀଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୨୨୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଚାଲିଥିଲା। ପୂର୍ବାହ୍ନ ସାଢ଼େ ୯ଟାରେ ଛାତ୍ରଛାତ୍ରୀଙ୍କୁ ଯାଞ୍ଚ କରାଯାଇ ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା। ପ୍ରଶ୍ନପତ୍ର ଥିବା କୋଠରିରୁ ସୁପରିନଟେଣ୍ଡେଣ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ଅଣାଯାଇ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା। ପରୀକ୍ଷା କେନ୍ଦ୍ରରେ ପୁଲିସ କର୍ମଚାରୀ ମୁତୟନ ଥିଲେ।

## ଟ୍ରକ ପଛରେ ଧକ୍କାହେଲା ଟ୍ରକ; ଡ୍ରାଇଭର ଗୁରୁତର

ବଇଣ୍ଡା, ୧୯ ।୨(ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ବଇଣ୍ଡାରେ ବୁଧବାର ସକାଭଞ୍ଝ ଟ୍ରକ ପଛରେ ଅନ୍ୟଏକ ଟ୍ରକ ଭରସାମ୍ୟ ହରାଇ ଧକ୍କା ହୋଇଛି। ଫଳରେ ଧକ୍କା ଦେଇଥିବା ଟ୍ରକର ଚାଳକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ପରିଚୟ ମିଳିନାହିଁ। ବଇଣ୍ଡା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପଇଁଚକୁଳ ଚଷା ସମାଜ ସଭାପତିଙ୍କ ପରଲୋକ



ଆଠମଲ୍ଲିକ, ୧୯ ।୨(ସମିସ): ଆଠମଲ୍ଲିକ ବ୍ଲକ ପଇଁଚକୁଳ ପ୍ରଗଣା ଅଞ୍ଚଳ ଚଷା ସମାଜ ସଭାପତି ତଥା ଲୁହାସିଙ୍ଗା ପଞ୍ଚାୟତ ପତାକା ଗ୍ରାମ ବାସିନ୍ଦା ମଳୟ କୁମାର ପ୍ରଧାନ (୬୪)ଙ୍କର ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ମଳୟ ଲୁହାସିଙ୍ଗା ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମହିଳା ସଶକ୍ତୀକରଣ ସମ୍ପର୍କିତ ପ୍ରଶିକ୍ଷଣ



କିଶୋରନଗର, ୧୯ ।୨(ସମିସ): କିଶୋରନଗର ବ୍ଲକ ସଭାଗୃହରେ ବୁଧବାର ମହିଳା ସଶକ୍ତୀକରଣ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ସୁବ୍ରତ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ସିଡିପିଓ ଆରତୀ ସିଂହ, ଇକେପି (ଏସଆଇଆରଡି) ସ୍ନେହଲତା ବିଶ୍ୱାଳ, ବିପିଏମ (ଓଏଲଏମ୍) ମମତା ମିଶ୍ର ମହିଳା ସଶକ୍ତୀକରଣ ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ମହିଳା ସରପଞ୍ଚ, ସମିତି ସଭ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ୱାର୍ଡସଭ୍ୟ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ରମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

## ରାଜ୍ୟସ୍ତରୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ ମିଟ୍‌ରେ ପ୍ରକାଶଙ୍କୁ ୨ ସ୍ୱର୍ଣ୍ଣ ପଦକ



ଅନୁଗୋଳ, ୧୯ ।୨(ସମିସ): ଓଡ଼ିଶା ମାଷ୍ଟର୍ସ ଆଥଲେଟିକ ସଂଘ ତରଫରୁ ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ ପ୍ରକାଶ ଗଡ଼ନାୟକ ୨ଟି ଇଭେଣ୍ଟରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୧୦୦ ମିଟର ରେସ୍ ଓ ଲମ୍ବଡିଆଁରେ ପ୍ରକାଶ ପ୍ରଥମ ସ୍ଥାନ ଅଧିକାର କରି ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆସନ୍ତା ମାସ ବେଙ୍ଗାଲୁରୁରେ ହେବାକୁ ଥିବା ଜାତୀୟସ୍ତରୀୟ ମାଷ୍ଟର୍ସ ଆଥଲେଟିକ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ଆଥଲେଟିକସଂଘପକ୍ଷରୁ ସେ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅନୁଗୋଳର ସମସ୍ତ କ୍ରୀଡ଼ାପ୍ରେମୀ, ବନ୍ଧୁ ଓ ପରିବାର ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରକାଶ ଗତ ଜାନୁଆରୀରେ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକରେ ଅନୁଷ୍ଠିତ ୫ମ ଥାଇଲାଣ୍ଡ ଓପନ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଗେମ୍ସରେ ୨ ସ୍ୱର୍ଣ୍ଣପଦକ ପାଇ ଦେଶ ପାଇଁ ଗୌରବ ଆଣିଥିଲେ। ସେ ଅନ୍ତର୍ଜାତୀୟ ସ୍ତରରେ ଏ ଯାବତ ୧୨ଟି ସ୍ୱର୍ଣ୍ଣ ପଦକ ସହ ୧୯ ପଦକ ହାସଲ କରିସାରିଲେଣି।

## ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ତାଳଚେରସଦର, ୧୯ ।୨(ସମିସ): ଏନ୍‌ଟିପିସି ତାଳଚେର ଥର୍ମାଲ ଏବଂ ଅଶାଲୋକ ହସ୍ପିଟାଲ ମିଳିତ ଉଦ୍ୟମରେ ସନ୍ଥପଡ଼ା ପଞ୍ଚାୟତରେ ବୃହତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଏକ ବିଶେଷଜ୍ଞ ଡାକ୍ତର ଦଳ ଏହି କ୍ୟାମ୍ପରେ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଲୋକଙ୍କ ରକ୍ତଚାପ, ରକ୍ତଶର୍କରା ପରୀକ୍ଷଣ କରାଯାଇଥିଲା। ୩୪୪ଜଣ ଗ୍ରାମବାସୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସମସ୍ତଙ୍କୁ ବିନା ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଇଥିଲା। ଆମେ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ତାଳଚେର ଥର୍ମାଲର ପ୍ରକଳ୍ପ ମୁଖ୍ୟ ବିଜୟ ଚନ୍ଦ୍ର କହିଥିଲେ।

■ ବଁଅରପାଳ ଡିପିଏସ୍ କର୍ମକର୍ତ୍ତାଙ୍କ ମନମାନି

## ୪୨ ଛାତ୍ର ପରୀକ୍ଷାରୁ ବଞ୍ଚିତ; ଥାନାରେ ମାମଲା

ବଁଅରପାଳ, ୧୯ ।୨(ସମିସ): ବଁଅରପାଳ ଥାନା ନିକଟରେ ଥିବା ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ (ଡିପିଏସ୍) କର୍ମକର୍ତ୍ତାଙ୍କ ମନମାନି ଯୋଗୁଁ ମଙ୍ଗଳବାର ଆରମ୍ଭ ହୋଇଥିବା ବାର୍ଷିକ ପରୀକ୍ଷାରେ ୪୨ ଛାତ୍ରଙ୍କୁ ଗେଟ୍ ବାହାରକୁ ବାହାର କରିଦିଆଯାଇଥିଲା। ପିଲାଙ୍କ ବକେୟା ଦରମା ନେଇ ସ୍କୁଲ କର୍ତ୍ତୃପକ୍ଷ ଖିଲାପୀ ଅଭିଭାବକମାନଙ୍କୁ ଅବଗତ କରିଥିଲେ। କିଛି ଅବିଭାବକ ଦେୟ ଦେଇଥିବା ବେଳେ କେତେଜଣ ଦେଇପାରି ନ ଥିଲେ। ମଙ୍ଗଳବାର ବାର୍ଷିକ ପରୀକ୍ଷା ଆରମ୍ଭ ହେବା ପରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ଓ ପ୍ରଶ୍ନପତ୍ର ଦିଆଯାଇଥିଲା। ପରୀକ୍ଷା ଆରମ୍ଭର ୫ ମିନିଟ ପରେ କର୍ତ୍ତୃପକ୍ଷ ୪୨ ଜଣ ପିଲାଙ୍କଠାରୁ ପ୍ରଶ୍ନପତ୍ର ଓ ଆଡମିଟ୍ କାର୍ଡ ନେଇଯାଇ ସେମାନଙ୍କୁ ଗେଟ୍ ବାହାରକୁ ବାହାର କରିଦେଇଥିବା ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ଏପରି ଘଟଣାରେ ପିଲାମାନେ ଯେଉଁ ମାନସିକ ଆଘାତ ପାଇଛନ୍ତି ତା' ପାଇଁ ଦାୟୀ କିଏ ବୋଲି ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି। ବକେୟା ଦରମାକୁ ନେଇ ପିଲାମାନଙ୍କ ଭବିଷ୍ୟତ ସହ ଖେଳିବା କେତେଦୂର ଯାଥାର୍ଥ ବୋଲି ପ୍ରଶ୍ନ କରିଛନ୍ତି। ଏ ନେଇ ଅଭିଭାବକମାନେ ବଁଅରପାଳ ଥାନାରେ ଅଭିଯୋଗ କରିଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ ଓ ଥାନା ଅଧିକାରୀଙ୍କ ଉପସ୍ଥିତିରେ ମାମଲାର ସମାଧାନ କରାଯାଇଛି। ପିଲାମାନେ ପୁଣି ପରୀକ୍ଷା ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି।

## ତୃତୀୟ ଶ୍ରେଣୀ ଛାତ୍ରୀ ଆଦ୍ଧିଶ୍ରୀଙ୍କ କୃତିତ୍ୱ

ଆଠମଲ୍ଲିକ, ୧୯ ।୨(ସମିସ): ଆଠମଲ୍ଲିକ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନ କରୁଥିବା ଛାତ୍ରୀ ଆଦ୍ଧିଶ୍ରୀ ଆରାଧ୍ୟା ସାହୁ ଆଠମଲ୍ଲିକ ଶିକ୍ଷାଜିଲ୍ଲାରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ୨୦୨୪-୨୫ରେ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି। ଆଦ୍ଧିଶ୍ରୀଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଠମଲ୍ଲିକ ସହରର ପ୍ରତାପ କୁମାର ସାହୁ ଓ ରିଙ୍କିମୟୀ ସାହୁଙ୍କ ଝିଅ ହେଉଛନ୍ତି ଆଦ୍ଧିଶ୍ରୀ। ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଆଦ୍ଧିଶ୍ରୀଙ୍କୁ ତାଙ୍କ ବୃତ୍ତି ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ତଥା ଆଠମଲ୍ଲିକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଆଦିତ୍ୟ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ମିଶ୍ର, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାସ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ଗଡ଼ସନ୍ତ୍ରୀ ନେହରୁ ହାଇସ୍କୁଲର ବାର୍ଷିକ ଉତ୍ସବ

ଅନୁଗୋଳ/ବଁଅରପାଳ, ୧୯ ।୨(ସମିସ): ବଁଅରପାଳ ବ୍ଲକ ଗଡ଼ସନ୍ତ୍ରୀ ନେହରୁ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଟଙ୍କଧର ବେହେରା ଯୋଗଦେଇଥିଲେ। ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଏହି ସମୟରେ ଜ୍ଞାନର ବିକାଶ ହେବା ସହ ବୌଦ୍ଧିକ ବିକାଶ ମଧ୍ୟ ହୋଇଥାଏ। ତେଣୁ ପାଠ୍ୟକ୍ରମ ସହ ନିଜ ନିଜ ରୁଚି ଅନୁସାରେ ଖେଳକୁଦରେ ଅଂଶଗ୍ରହଣ କରିବାକୁ ମୁଖ୍ୟଅତିଥି ନାଏକ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ଖେଳକୁଦ, କୁଇଜ, ଜ୍ଞାନବିଜ୍ଞାନ ପ୍ରଭୃତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମୁର୍ମୁ ସଭା ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମନୋରଞ୍ଜନ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ବେହେରା, ମାରୁତି ସାହୁ, ବୀରେନ୍ଦ୍ର ମହାନ୍ତି, ଅଶୋକ ଜେନା, ସୁନୀଲ ନାୟକଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।




## ପାନୀୟ ଜଳ ସମସ୍ୟା ଦୂରୀକରଣ ଓ ଜଳଛତ୍ର ନିର୍ମାଣ ଦାବି

ଅନୁଗୋଳ, ୧୯ ।୨(ସମିସ)



ଅନୁଗୋଳ ସହରରେ ପାନୀୟ ଜଳ ସଙ୍କଟ ଦୂରୀକରଣ ଓ ଜଳଛତ୍ର ନିର୍ମାଣ ନେଇ ଜିଲ୍ଲାର ସାମ୍ବାଦିକମାନଙ୍କ ତରଫରୁ ପୌରାଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଏହା ଆମ ଦାୟିତ୍ୱ ଓ ଏ ସମସ୍ୟାର ସମାଧାନ ନିଶ୍ଚିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଗ୍ରୀଷ୍ମ ଋତୁରେ ଅନୁଗୋଳ ଜିଲ୍ଲାର ତାପମାତ୍ରା ସର୍ବୋଚ୍ଚ ୫୦ ଡିଗ୍ରୀ ଛୁଇଁଥାଏ। ଗ୍ରୀଷ୍ମ ପ୍ରବାହ କାରଣରୁ ଜଳାଭାବ ସମସ୍ୟା ଦେଖାଦେଇଥାଏ। ସହର ମଧ୍ୟରେ ଅନେକ ନଳକୂପ ରହିଥିବା ବେଳେ କିଛି କାର୍ଯ୍ୟକ୍ଷମ ରହିଛି ତ ଅନେକ ଅଚଳ ଅବସ୍ଥାରେ ରହିଛି। ଏଣୁ ସମସ୍ତ ନଳକୂପ ମରାମତି କରିବା ସହରରେ ଜଳ ଯୋଗାଣ କରୁଥିବା କୂପ ଓ ପାଣି ଟାଙ୍କିଗୁଡ଼ିକର ଉନ୍ନତ ପରିମଳ ବ୍ୟବସ୍ଥା ଅତ୍ୟାବଶ୍ୟକ। ସହର ମଧ୍ୟରେ ଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଓ ଶୁଦ୍ଧ ଜଳ ଯୋଗାଣ ବନ୍ଦୋବସ୍ତ କରିବା ପାଇଁ ସାମ୍ବାଦିକମାନେ ଦାବି ଜଣାଇଥିଲେ। ସେହିପରି ବିଭିନ୍ନ ସରକାରୀ, ବେସରକାରୀ ଓ ଅତ୍ୟାବଶ୍ୟକ କାର୍ଯ୍ୟରେ ଆସୁଥିବା ଆଗନ୍ତୁକ ତଥା ଯାତ୍ରୀମାନଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇ ପାନୀୟ ଜଳ ବନ୍ଦୋବସ୍ତ କରିବା, ତାପମାତ୍ରା ବୃଦ୍ଧି କାରଣରୁ ଅଂଶୁଘାତର ଭୟ ରହିଥିବା ବେଳେ କିଛି ସ୍ଥାନରେ ନଡ଼ା ବା ପତ୍ର ଛାଉଣି କରାଗଲେ ଯାତ୍ରୀମାନଙ୍କ ବିଶ୍ରାମ କରିବାରେ ସୁବିଧା ହେବ ଓ ଅଂଶୁଘାତରୁ ରକ୍ଷା ମିଳିବ ବୋଲି ପ୍ରସ୍ତାବ ଦିଆଯାଇଛି। ନିରୀହ ପଶୁପକ୍ଷୀଙ୍କ ପାଇଁ ମଧ୍ୟ କିଛି କିଛି ସ୍ଥାନରେ ପାଣିକୁଣ୍ଡ ରଖାଯାଇ ଦୈନିକ ପାଣି ରଖିବା ବନ୍ଦୋବସ୍ତ କରିବାକୁ ଦାବି କରାଯାଇଛି। ପୌରାଧ୍ୟକ୍ଷଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ନ ଥିବାରୁ ତାଙ୍କ ପ୍ରତିନିଧି ଭାବେ ଯନ୍ତ୍ରୀଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସାମ୍ବାଦିକ ବିଶ୍ୱରଞ୍ଜନ ପଟ୍ଟନାୟକ, ପ୍ରତାପ ବିଶ୍ୱାଳ, ପତିତପାବନ ସାହୁ, ସୁବ୍ରତ ତ୍ରିପାଠୀ, ପର୍ଶୁରାମ ଦାଶ, ଶୁଭ୍ରରଞ୍ଜନ ଦାସ, ଦ୍ୱାରିକା ପ୍ରସାଦ ନନ୍ଦ, ରାଜେଶ କୁମାର ପାତ୍ର, ମନୋଜ ଦେହୁରୀ, ବନମାଳୀ ନାଏକ, ଉମାକାନ୍ତ ସାହୁ, ଦୀନେଶ କୁମାର ନାଏକ, ଅମୂଲ୍ୟ କୁମାର ସାହୁ, ବିଜୟ କୁମାର ଦେ, ଶୁଭ୍ରଜିତ୍ ସ୍ୱାଇଁ, ରାକେଶ କୁମାର ସାମଲ, ମହେଶ ଭୋମରାଜ, ସୁଶାନ୍ତ କୁମାର ସାହୁ, ଜଗଦୀଶ ନାୟକ, ସତ୍ୟଶମ୍ଭୁ ନାଏକ, ଶିବୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକ, ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

# ଡିୱାଇଓ ପକ୍ଷରୁ ଜିଲ୍ଲାପାଳ ଅଫିସ୍ ଆଗରେ ବିକ୍ଷୋଭ

ଅନୁଗୋଳ, ୧୯ ।୨(ସମିସ)




ଅନୁଗୋଳ ଜିଲ୍ଲାରେ ଗଢ଼ି ଉଠିଥିବା ସମସ୍ତ ଖଣି ଓ କାରଖାନାଗୁଡ଼ିକ ଦ୍ୱାରା ବିସ୍ଥାପିତ, କ୍ଷତିଗ୍ରସ୍ତ ଓ ଜିଲ୍ଲାର ବେରୋଜଗାର ଯୁବକ-ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ନିଯୁକ୍ତି ଦେବା ପର୍ଯ୍ୟନ୍ତ ସମସ୍ତ ବେକାର ଯୁବକ-ଯୁବତୀଙ୍କୁ ବେକାରୀ ଭତ୍ତା ପ୍ରଦାନ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗରେ ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବା ପଦବୀ ଅବିଳମ୍ବେ ସ୍ଥାୟୀ ଭିତ୍ତିରେ ପୂରଣ, ସମସ୍ତ ସ୍ଥାୟୀ ପଦବୀରେ ଠିକା ନିଯୁକ୍ତି ନୀତି ବାତିଲ ସହ ଠିକାରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ପ୍ରଦାନ, ଟେଲିକମ୍ କମ୍ପାନୀଗୁଡ଼ିକର ଲଗାମଛଡ଼ା ଟାରିଫ୍ ବୃଦ୍ଧିରେ ଲଗାମ ଲଗାଇବା, ଇନ୍‌କମିଂ କଲ୍ ସମ୍ପୂର୍ଣ୍ଣ ଦେୟମୁକ୍ତ କରିବା, ସର୍ବସାଧାରଣ ଛାତ୍ର, ଯୁବକଙ୍କୁ ସୁଲଭ ଦରରେ ମାସିକ କମ୍ବୋ ପ୍ୟାକ୍ ଧାର୍ଯ୍ୟ କରିବା, ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା ପାୱାର ସ୍ୱାର୍ଥରେ ଘରେ ଘରେ ପ୍ରି-ପେଡ୍ ସ୍ମାର୍ଟ ମିଟର ଲଗାଇବା ନିଷ୍ପତ୍ତି ବାତିଲ, ବିଦ୍ୟୁତ୍ ଆଇନ୍-୨୦୨୨କୁ ସମ୍ପୂର୍ଣ୍ଣ ବାତିଲ କରିବା, କଣିହାଁ-ତାଳଚେର-ବଣଁରପାଳ-ଅନୁଗୋଳ-ଛେଣ୍ଡିପଦା ଅଞ୍ଚଳରେ ଧୂଳିଧୂଆଁ, ପାଉଁଶ ଓ ବିଷାକ୍ତ ଗ୍ୟାସ୍ ଆଦି ପ୍ରଭାବରୁ ଜିଲ୍ଲାର ଜନସାଧାରଣଙ୍କୁ ରକ୍ଷା କରିବା, ନିୟମିତ ଘଟୁଥିବା ଦୁର୍ଘଟଣା ରୋକିବା ପାଇଁ ଅନୁଗୋଳ ସହରର ବିଭିନ୍ନ ଛକରେ କଡ଼ାକଡ଼ି ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରିବା, ଯୁବକ-ଯୁବତୀଙ୍କୁ ସୁଲଭ ମୂଲ୍ୟରେ କ୍ରୀଡ଼ା ଉପକରଣ ଯୋଗାଇଦେବା, ମଦ ଓ ଡ୍ରଗ୍ସ କାରବାର ନିଷିଦ୍ଧ କରିବା, ଅଶ୍ଳୀଳତା ନଗ୍ନତାର ପ୍ରଚାର ପ୍ରସାର ବନ୍ଦ, ଶିଶୁକନ୍ୟା ଓ ମହିଳାଙ୍କ ଉପରେ ହିଂସା ଓ ଯୌନ ଉତ୍ପୀଡ଼ନ ବନ୍ଦ କରିବା ଆଦି ଦାବିରେ ଏଆଇଡିୱାଇଓ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜିଲ୍ଲାପାଳ ଅଫିସ ଆଗରେ ପହଞ୍ଚିଥିଲେ। ସଂଗଠନର ଜିଲ୍ଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଡିୱାଇଓ ରାଜ୍ୟ ସଭାପତି ମାନସ ପାଳ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଡବଲ ଇଞ୍ଜିନ୍ ସରକାର ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ଭରତ ନାଏକ, ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁଃଖବନ୍ଧୁ ବେହେରା, ଲମ୍ବୋଦର ପଣ୍ଡା, ଆଶିଷ ସାହୁ, ସୋରେନ୍ ସାହୁ, ସତ୍ୟରଞ୍ଜନ ସାହୁ, ଅରୁଣ ସାହୁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ବିକ୍ଷୋଭରେ ସାମିଲ ହୋଇଥିଲେ।

## ହାତୀ ଆକ୍ରମଣରେ ଗଜସାଥୀ ଗୁରୁତର

ବଣଁରପାଳ, ୧୯ ।୨(ସମିସ): ବଣଁରପାଳ ଥାନା ଚଉରିଡିହ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଗଜସାଥୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଗଜସାଥୀ ହେଲେ ପ୍ରଦୋଷ ଗଡ଼ନାୟକ। ସୂଚନା ମୁତାବକ ଗ୍ରାମ ବିଲମାଳରେ ୨୯ ଟିକିଆ ହାତୀପଲ ରହି ଉପଦ୍ରବ କରିଥିଲେ। ଅଚାନକ ହାତୀପଲ ଗ୍ରାମକୁ ପ୍ରବେଶ କରିବା ପାଇଁ ମୁହାଁଇଥିଲେ। ଲୋକଙ୍କୁ କ୍ଷୟକ୍ଷତିରୁ ବଞ୍ଚାଇବାକୁ ବନବିଭାଗ ଉଦ୍ୟମ ଆରମ୍ଭ କରିଥିଲା। ବନ କର୍ମଚାରୀ ଓ ଗଜସାଥୀମାନେ ହାତୀପଲଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିବା ବେଳେ ସେଥିମଧ୍ୟରୁ ଗୋଟିଏ ହାତୀ ପ୍ରଦୋଷଙ୍କୁ ଅଚାନକ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ବନବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି।

## ଓଲଟିଲା ଟ୍ରକ: ଡ୍ରାଇଭର ଗୁରୁତର



ପରଜଙ୍ଗ, ୧୯ ।୨(ସମିସ): ୧୪୯ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରମହଂସପୁରଠାରେ ଆଲୁମିନିୟମ ବୋଝେଇ ଟ୍ରକ ଓଲଟି ପଡ଼ିବାରୁ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ଡାକ୍ତରଖାନା ପଠାଇ ଦିଆଯାଇଛି। ତେବେ ଆହତ ଡ୍ରାଇଭରଙ୍କ ପରିଚୟ ମିଳିନାହିଁ। ଏହି ଟ୍ରକ ଅନୁଗୋଳ ନାଲକୋ କାରଖାନାରୁ ବାହାରି ରାଉରକେଲା ଅଭିମୁଖେ ଯାଉଥିବା ବେଳେ ଅପରାହ୍ନ ପ୍ରାୟ ୩ଟାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ପ୍ରାୟ ୧୦ ଫୁଟ ତଳକୁ ଓଲଟି ପଡ଼ିଥିଲା।

## ବାଇକ୍-କାର୍ ଧକ୍କା; ୨ ଗୁରୁତର

ଅନୁଗୋଳ, ୧୯ ।୨(ସମିସ): ସଦର ଥାନା ବଲାସିଂହା ବ୍ରିଜ ନିକଟରେ ବୁଧବାର ସନ୍ଧ୍ୟାରେ ବାଇକ-କାର ଧକ୍କା ହେବାରୁ ବାଇକରେ ବସି ଯାଉଥିବା ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୁମୁରିସିଂହା ଗ୍ରାମର ଅରକ୍ଷିତ ବେହେରାଙ୍କ ପୁଅ ଅଶୋକ ବେହେରା (୪୦) ଓ ଧୋକୁଟା ଗ୍ରାମର ନିଧିଆ ପ୍ରଧାନଙ୍କ ସ୍ତ୍ରୀ ବିଜୁଳି ପ୍ରଧାନ (୫୦)। ଏମାନେ ସମ୍ପର୍କରେ ପିଉସୀ-ପୁତୁରା ବୋଲି ଜଣାପଡ଼ିଛି। ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଛି। ସକାଳେ ଦୁହେଁ ବାଇକ୍ ଯୋଗେ ଅନୁଗୋଳ ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘର ଯାଇ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର ବାଇକକୁ ଧକ୍କା ଦେଇଥିଲା। ଫଳରେ ସେମାନେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଉଭୟଙ୍କ ଗୋଡ଼ ଏବଂ ମୁଣ୍ଡରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ କାର ଚାଳକଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ଆଠମଲ୍ଲିକ, ୧୯ ।୨(ସମିସ): ଆଠମଲ୍ଲିକ ଏସ୍‌ଡିପିଓ ଭାବେ ସୁଶାନ୍ତ କୁମାର ତଉଡିଆ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ୧୯୯୯ ବ୍ୟାଚ ସବ ଇନ୍‌ସପେକ୍ଟର ଭାବେ ପୁଲିସ ବିଭାଗରେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ଅନୁଗୋଳ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଆଠମଲ୍ଲିକରେ କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ଆଇନଶୃଙ୍ଖଳା ରକ୍ଷା କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ବିଗତ ଦିନରେ ଚୋରି ଡକାୟତି ମାମଲାଗୁଡ଼ିକର ତଦାରଖ କରି ଲୋକଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

**● ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା**

## ବୁଲେଟ୍ ଚାଳକ ଗିରଫ

କଣିହାଁ, ୧୯ ।୨(ସମିସ): କଣିହାଁ ବ୍ଲକ ସମଲ ଥାନା ଅଧୀନ ବିଲିଣ୍ଡା ଛକରେ ସୋମବାର ବୁଲେଟ ଓ ସ୍କୁଟି ଧକ୍କା ହେବାରୁ ବିଲିଣ୍ଡା ଗ୍ରାମର କେଶବ ଚନ୍ଦ୍ର ସାହୁ (୬୫)ଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବୁଧବାର ପୁଲିସ ବୁଲେଟ ଚାଳକ ବାରୁଆଁ ଗ୍ରାମର ଅବିନାଶ ସାମଲ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ଅରୁଣ କୁମାର ଖିଲାର ସୂଚନା ଦେଇଛନ୍ତି।

### ମନରେଗାରେ ବ୍ୟାପକ ଜାଲିଆତି ଅଭିଯୋଗ

# ଶ୍ରମିକ ବଦଳରେ ମେସିନ୍ କରୁଛି କାମ



ଢେଙ୍କାନାଳ, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ଭଇରିପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ବ୍ୟାପକ ଜାଲିଆତି ଦେଖିବାକୁ ମିଳିଛି। ଶ୍ରମିକ ବଦଳରେ ମେସିନ୍ ଲଗାଇ କାର୍ଯ୍ୟ ଚାଲିଥିବାବେଳେ ଜବ୍‌କାର୍ଡଧାରୀ ଘରେ ବସିଛନ୍ତି। ସେହିପରି ବିନା ସୂଚନା ଫଳକ ଓ ମଷ୍ଟର ରୋଲରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଭଇରିପୁର ପଞ୍ଚାୟତ ଗୁନେଇବିଲି କଲେଜଠାରୁ ବେଠିଆପାଳ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ଓ ଭଇରିପୁରଠାରୁ ଛେଳିଆଗୋଡ଼ା ମହାବନ୍ଧ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ପକ୍ଷରୁ ଅନୁମୋଦନ ପାଇଥିଲା। ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଏହି ମାଟିମୋରମ କାର୍ଯ୍ୟ କରାଯାଉଛି। ଗୋଟିଏ ପଟେ ଜବ୍‌କାର୍ଡଧାରୀ କାମ ନ ପାଇ ଚାହିଁ ବସିଥିବାବେଳେ ଗ୍ରାମର କିଛି ମୁଷ୍ଟିମେୟ ଓ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଜୋରଜବରଦସ୍ତ ମେସିନ୍ ଲଗାଇ ଅଳ୍ପ କିଛି ଟଙ୍କା ଖର୍ଚ୍ଚକରି ମୋଟା ଅଙ୍କର ଟଙ୍କା ହଡ଼ପ କରିବା ପାଇଁ ବସିଛନ୍ତି। ଏ ନେଇ ଗ୍ରାମବାସୀ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟର ଉଚିତ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜବକାର୍ଡଧାରୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କର୍ତ୍ତୃପକ୍ଷଙ୍କୁ ପଚାରିବାରେ ଉକ୍ତ କାର୍ଯ୍ୟପାଇଁ ମଷ୍ଟର ରୋଲ ପ୍ରସ୍ତୁତ ହୋଇ ନ ଥିବା ସ୍ପଷ୍ଟ କରିଛନ୍ତି। କିନ୍ତୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଘରୋଇ ଜମିରେ ରାସ୍ତା ନିର୍ମାଣକୁ ବିରୋଧ



ଛେଣ୍ଡିପଦା, ୧୯ ।୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଫୁଲଝରିଠାରେ କଲୋନୀ ଦେଇ ହରିଜନ ସାହିକୁ ଘରୋଇ ଜମିରେ ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଫୁଲଝରିରେ ଥିବା ଏକ ଘରୋଇ କମ୍ପାନୀର କଲୋନୀ ଦେଇ ହରିଜନ ସାହିକୁ ରାସ୍ତା ନିର୍ମାଣ ପାଇଁ ମସୁଧା ଚାଲିଥିବା ବେଳେ ଉକ୍ତ ରାସ୍ତା ପାର୍ଶ୍ୱ ଜମି ମାଲିକମାନେ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଉକ୍ତ ରାସ୍ତା ରଜନୀ ନାଏକ, କୁଞ୍ଜ ନାଏକ, ପଠାଣି ବାଘ, ଜମ୍ବୁବତୀ ସାହୁ, ଖଗ ନାଏକ, ମଉଡ଼ ନାଏକ, ବଳରାମ ନାଏକଙ୍କ ବ୍ୟକ୍ତିଗତ ଜମି ଦେଇ ଯାଉଥିବାରୁ ଜମି ମାଲିକଙ୍କ ପକ୍ଷରୁ କାମ ବନ୍ଦ କରିଦିଆଯାଇଛି।

ଏହି ଜମିକୁ ସ୍ଥାନୀୟ ଲୋକେ ପୂର୍ବପୁରୁଷରୁ ଦଖଲ କରି ବ୍ୟବହାର କରିଆସୁଛନ୍ତି। କାମ ବନ୍ଦ କରିବା ପରେ ଛେଣ୍ଡିପଦା ତହସିଲ ପକ୍ଷରୁ ପତ୍ର ସଂଖ୍ୟା ୬୬୮/୨୫ରେ ରାସ୍ତା ପାର୍ଶ୍ୱବର୍ତ୍ତୀ ଉପରୋକ୍ତ ଜମି ମାଲିକଙ୍କୁ ରାସ୍ତା ନିର୍ମାଣ ପାଇଁ ଚିହ୍ନଟ ବେଳେ ଉପସ୍ଥିତ ରହିବା ପାଇଁ ନୋଟିସ୍ ଜାରି କରିଥିଲେ। ରାସ୍ତା ଚିହ୍ନଟ ସମୟରେ ଉପସ୍ଥିତ ନ ରହିଲେ କୌଣସି ଦାବି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ବୋଲି ଚିଠି କରାଯାଇଥିଲା। ଏନେଇ ଧାର୍ଯ୍ୟ ସମୟରେ ତହସିଲ ପକ୍ଷରୁ ପୁଲିସ ପ୍ରଶାସନ ଉପସ୍ଥିତିରେ ଚିହ୍ନଟ କାର୍ଯ୍ୟ ଚାଲିଥିବା ବେଳେ ସଠିକ ଚିହ୍ନଟ ହେଉ ନ ଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ନେଇ ଜମିହରା ପ୍ରଜାମାନେ ନିଜ ଜମିକୁ ଛାଡ଼ିବେ ନାହିଁ ବୋଲି ଜିଦ୍ ଧରି ଉକ୍ତ ସ୍ଥାନରେ ଧାରଣା ଦେଇଛନ୍ତି। ଯଦି ପ୍ରଶାସନ ଜୋରଜବରଦସ୍ତ ଜମି ଉପରେ ରାସ୍ତା ନିର୍ମାଣ କରେ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜମି ମାଲିକଙ୍କ ପରିବାର ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଗ୍ରାମବାସୀଙ୍କୁ ବନାଞ୍ଚଳ ଅଧିକାରୀ, ତହସିଲଦାରଙ୍କ ନାଲିଆଖି

**■ ଜିଏମ୍ କାରଖାନାର ବେଆଇନ କାର୍ଯ୍ୟକୁ ଆଖିବୁଜି ସମର୍ଥନ**

ପରଜଙ୍ଗ, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କୁଆଁଳୋ ମୌଜାର ପରମହଂସପୁର ଗ୍ରାମବାସୀ କାହିଁ କେଉଁ କାଳରୁ ଜଙ୍ଗଲକୁ ସୁରକ୍ଷା ଦେବା ସହ ସେଠାରେ ଥିବା ଶୈବପୀଠରେ ପୂଜାର୍ଚ୍ଚନା କରିଆସୁଛନ୍ତି। କିଛିଦିନ ତଳେ ଜଙ୍ଗଲକୁ ସୁରକ୍ଷା ଦେବା ନିମନ୍ତେ ଗ୍ରାମବାସୀଙ୍କ ସହଯୋଗରେ ସିମେଣ୍ଟ ଖୁଣ୍ଟ ପୋତାଯାଇଥିଲା। ତେବେ ସ୍ଥାନୀୟ ତହସିଲଦାର ଓ ବନାଞ୍ଚଳ ଅଧିକାରୀ ପହଞ୍ଚି ସମସ୍ତ ଖୁଣ୍ଟ ନେଇଯିବା ସହ ଉକ୍ତ ସ୍ଥାନରେ କିଛି ଦଖଲ ନେବା ହେଉ ବା ଖୁଣ୍ଟ ପୋତିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କୁ ତାଗିଦ କରିଥିଲେ। ଅନ୍ୟପଟେ ପରଜଙ୍ଗ ତହସିଲ ଗେଙ୍ଗୁଟିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ କୁଲେଇ ଗ୍ରାମସ୍ଥିତ ଜିଏମ ଆଇନର ଆଣ୍ଡ ଷ୍ଟିଲ କାରଖାନାରରୁ ନିର୍ଗତ ପାଉଁଶକୁ ଗାଡ଼ି ଯୋଗେ ଆଣାଯାଇ ବେଆଇନ ଭାବେ ଜଙ୍ଗଲ କିସମ ଜମିରେ ଗଦା କରାଯିବା ଏବଂ ଏ ନେଇ ତହସିଲଦାରଙ୍କୁ ଅଭିଯୋଗ ହୋଇଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ବଦଳରେ କାରଖାନାକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗତ ମାସ ୧୩ ତାରିଖ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ପରଜଙ୍ଗ ତହସିଲଦାର ଦିଲୀପ କୁମାର ନାୟକ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଗେଙ୍ଗୁଟିଆ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ବେହେରା ପାଉଁଶ ଗଦା ହୋଇଥିବା ଜଙ୍ଗଲ ଜମିକୁ ଯାଇ ତଦନ୍ତ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏନେଇ ତାଗିଦ କରିଥିବା ସୂଚନା ମିଳିଥିଲା। ତଥାପି କାରଖାନା କର୍ତ୍ତୃପକ୍ଷ ଦିନରାତି ଖୁଲମଖୁଲା ସମସ୍ତ ନିୟମକୁ ବେଖାତିରି କରି ପାଉଁଶ ଓ ବର୍ଜ୍ୟବସ୍ତୁ ଆଣି ଜଙ୍ଗଲ ଜମିରେ ପକାଇବାକୁ ପଛାଉନାହାନ୍ତି। ଫଳରେ ସାମାନ୍ୟ ପବନରେ ପାଉଁଶ ଗୁଣ୍ଡ ଉଡୁଥିବାରୁ ପଥଚାରୀଠାରୁ ଆରମ୍ଭ କରି ଗ୍ରାମବାସୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ନେଇ ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ବଦଳରେ ସୁରକ୍ଷା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀ ପଛାଉ ନ ଥିବା ଅଭିଯୋଗ ହୋଇଛି। ଏହି ସଂକ୍ରାନ୍ତରେ ତହସିଲଦାର ନାୟକଙ୍କୁ ଫୋନ୍ ଯୋଗେ ପଚାରିବାରୁ କହିଲେ, ଆମେ ଘଟଣାସ୍ଥଳକୁ ଯାଇଥିଲୁ। କମ୍ପାନୀ କର୍ତ୍ତୃପକ୍ଷ ପାଉଁଶ ଉଠାଇ ଦେଇଥିଲେ। ଯଦି ଏବେ ପୁଣି ପକାଉଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ କାରଖାନା ପୂର୍ବରୁ ଜଙ୍ଗଲ ଜମିରେ ପାଉଁଶ ପକାଇବା ନେଇ ଏନଜିଟିରେ ମାମଲା ରୁଜୁ ହୋଇଥିଲା। ଏନ୍‌ଜିଟି କମ୍ପାନୀକୁ ଜରିମାନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ ଜମିରୁ ପାଉଁଶକୁ ସମ୍ପୂର୍ଣ୍ଣ ଭାବେ ଉଠାଯାଇ କାରଖାନା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।



## ଶୁଣ୍ଢି ସମାଜର ୪୮ ତମ ବାର୍ଷିକ ବୈଠକ



କଣିହାଁ, ୧୯ ।୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ହୀରା ଗ୍ରାମ କଲ୍ୟାଣୀପୁର ଆମ୍ବତୋଟାରେ ଡେରାଙ୍ଗ ପଞ୍ଚାୟତର ଶୁଣ୍ଢି ସମାଜର ୪୮ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ସମାଜର ସଭାପତି ମୂଳିଆ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ସମାଜର ଦିବଂଗତ ବ୍ୟକ୍ତିମାନଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଯୁଗେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ବାର୍ଷିକ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ସମାଜର ଭାଇଚାରା ବଜାୟ ରଖିବା ସହ ଶିକ୍ଷା, ନିଯୁକ୍ତି, ସ୍ୱାବଲମ୍ବନ, ସାମାଜିକ ଓ ଆର୍ଥିକ ପ୍ରଗତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସମାଜର ୧୮୨ ପରିବାର ସଦସ୍ୟ ବୈଠକରେ ସାମିଲ ହୋଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପରେ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଇନ୍ଦ୍ରମଣି ସାହୁ, ସମ୍ପାଦକ ଭାବେ ଦୁଃଶାସନ ସାହୁ, ସଦସ୍ୟ ଦିଲେଶ୍ୱର ସାହୁ, ମୋହନ ଚନ୍ଦ୍ର ସାହୁ, ହରି ସାହୁ, ବିଦ୍ୟାଧର ସାହୁ, ଶଙ୍କର୍ଷଣ ସାହୁ, ଭଜମନ ସାହୁ, ପ୍ରସାଦି ସାହୁ, ଗୁଲେଖ ସାହୁ, ଅଥାନି ସାହୁଙ୍କୁ ଚୟନ କରାଯାଇଥିଲା। ଏଥିରେ ସମାଜର ବହୁ ସଦସ୍ୟ ଯୋଗଦେଇଥିଲେ।

### ଜିଲ୍ଲାସ୍ତରୀୟ 'ନିପୁଣ ଓଡ଼ିଶା' ମେଳା

# 'ଛାତ୍ରଛାତ୍ରୀଙ୍କୁ ଆଦର, ଯତ୍ନ ଓ ସ୍ନେହରେ ପଢ଼ାଇବା ଉଚିତ'

ଢେଙ୍କାନାଳ, ୧୯ ।୨(ସମିସ)



ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପିଲାଙ୍କୁ ବୁଝିବା ଓ ଚିହ୍ନିବାର ଆବଶ୍ୟକତା ରହିଛି। ପିଲାଙ୍କୁ ବୁଝି ନ ପାରିଲେ ପଢ଼ାଇ ହେବ ନାହିଁ। ଆଦର, ଯତ୍ନ ଓ ସ୍ନେହର ସହ ପାଠ ପଢ଼ାଇଲେ ସେମାନେ ବ୍ୟବସ୍ଥା ସହ ଖାପଖୁଆଇ ପାରିବେ। ନଚେତ ପିଲା ପଛେଇଯିବେ। ଏ ଦିଗରେ ଶିକ୍ଷକମାନେ ଯତ୍ନବାନ ହେବାକୁ ପଡ଼ିବ ବୋଲି ଜିଲ୍ଲାପାଳ କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ସୁସନ୍ଧ୍ୟା ମହାନ୍ତି ଯୋଗଦେଇ କହିଲେ ଯେ ଶିଶୁ ମନସ୍ତତ୍ତ୍ୱକୁ ବୁଝି ଶିକ୍ଷାଦାନ କାର୍ଯ୍ୟକ୍ରମ ସ୍ଥିର କରାଯାଉ। ଶିକ୍ଷକ ପିଲାର ନିକଟତର ଆନ୍ତରିକତାର ସହ ପାଠ ପଢ଼ାନ୍ତୁ ବୋଲି କହିଥିଲେ।

ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସ୍ୱାଗତ ଭାଷଣ ଦେବା ନିପୁଣ ମେଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାଶାସ୍ତ୍ର ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ ନିପୁଣ ଓଡ଼ିଶା ଶପଥପାଠ କରାଇଥିଲେ। ବାରିହାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ନିପୁଣ ଓଡ଼ିଶା ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ନିପୁଣ ମେଳା ଉପଲକ୍ଷେ ଅଭିନବ ଶିକ୍ଷାଶାସ୍ତ୍ର ଯଥା କଣ୍ଢେଇ ନାଚ, ଅଭିନୟ, ଆଲୋଚନା ମାଧ୍ୟମରେ ଏକ ପ୍ରଦର୍ଶନୀ ଶିକ୍ଷାଦାନ ଆୟୋଜନ କରାଯାଇଥିଲା। ଏଥିରେ ଡମାଳ ନୋଡାଲ ୟୁପି ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷକ ପ୍ରବୀଣ କୁମାର ରାଉତ ଶିକ୍ଷଣ କାର୍ଯ୍ୟ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାର ୮୦ଜଣ ଶିକ୍ଷକ ଓ ୨୫ ଜଣ ସିଆରସିସିଙ୍କ ଦ୍ୱାରା ୧୨୭ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ପରେ ସ୍ୱତନ୍ତ୍ର ଆଲୋଚନା ପ୍ରସଙ୍ଗରେ ଦଳଗତ ଆଲୋଚନା ହୋଇଥିଲା। ନିପୁଣ ଓଡ଼ିଶା କାର୍ଯ୍ୟକାରୀ କରିବାରେ ଥିବା ଆହ୍ୱାନ ଓ ସେଗୁଡ଼ିକର ମୁକାବିଲା ଶୀର୍ଷକ ଆଲୋଚନାରେ ଶିକ୍ଷକ, ସିଆରସିସି, ଅଭିଭାବକ, ଶିକ୍ଷା ପ୍ରଶାସକ ଓ ଘରୋଇ ସଂସ୍ଥା ସଦସ୍ୟ ଭାଗ ନେଇଥିଲେ। ଡିଆଇଇଟି ଦ୍ୱାରା ପ୍ରସ୍ତୁତ ମଡେଲ ଶିଶୁବାଟିକାକୁ ଜିଲ୍ଲାପାଳ ଉଦଘାଟନ କରିଥିଲେ। ସେଥିରେ ଲିଟେରାସି କୋଣ, ସଂଖ୍ୟାଜ୍ଞାନ କୋଣ, ଖେଳନା କୋଣ, ବାଲୁକା କୋଣ, ଆକ୍ଟିଭିଟି କୋଣ ଆଦି ରହିଥିବା ବେଳେ ଶିଶୁ ଉପଯୋଗୀ ବିଲଡିଂ ବ୍ଲକ, ଆବାକସ୍, ସାପ ଶିଡ଼ି, ବିଭିନ୍ନ ଗପ କାର୍ଡ, ଓ ମୁଖା ଆଦି ରହିଛି। ଅପରାହ୍ନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ସୁସନ୍ଧ୍ୟା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ରବୀନ କୁମାର ଶତପଥୀ, ବରିଷ୍ଠ ପ୍ରଶିକ୍ଷକ ସ୍ନେହଲତା ରାଜ, ସୌମ୍ୟା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

### ନାମକୁମାତ୍ର ଖୋଲାଯାଇଛି ମଣ୍ଡି, ଚାଷୀ ଶୋଷଣର ଶିକାର

# କଟାଯାଉଛି ୮ କିଲୋ ଧାନ, ମିଲ୍‌ରେ ଧାନ ପହଞ୍ଚାଉଛି ଚାଷୀ

ପଟ୍ଟାମୁଣ୍ଡାଇ,୧୯।୨(ସମିସ):

ଚଳିତ ଖରିଫ ଋତୁରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୯ ଲକ୍ଷ ମେଟ୍ରିକ୍ ଟନ ଧାନ କିଣାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଅଦ୍ୟାବଧି ପ୍ରାୟ ୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ କହିଛନ୍ତି। ପଟ୍ଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ଅଧୀନରେ ଥିବା ୧୬ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୧୪ ଟି ପ୍ରାଥମିକ କୃଷି ସମବାୟ ସମିତିରେ ଚଳିତ ବର୍ଷ ମଣ୍ଡି କରାଯାଇଛି। ମଣ୍ଡି ପରିଚାଳନା ପାଇଁ ପଟ୍ଟାମୁଣ୍ଡାଇ ବିଡିଓ ନୋଡାଲ ଅଫିସର ଥିବା ବେଳେ ବିଭିନ୍ନ ମଣ୍ଡି ପରିଚାଳନା ଦାୟିତ୍ୱରେ ପଟ୍ଟାମୁଣ୍ଡାଇ ବ୍ଲକ ଯୋଗାଣ ଅଧିକାରୀଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀ, କୃଷି କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଚାଷୀ ଯେପରି ଶୋଷଣର ଶିକାର ନହୁଏ ଓ ମଣ୍ଡିରେ ଧାନ ଦେବା ବେଳେ କୌଣସି ସମସ୍ୟାର ସମ୍ମୁଖୀନ ନହୁଏ ଏବଂ ଏହି କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରହିବ ସେଥିପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ସିସିଟିଭି କ୍ୟାମେରାମାନ ଖଞ୍ଜା ଯାଇଛି। ବିଭିନ୍ନ ମଣ୍ଡି ତଦାରଖ କରିବା ପାଇଁ ଶାସକ ଦଳ ପକ୍ଷରୁ ତଦାରଖ କମିଟି ଗଠନ କରାଯାଇଛି। ଏତେ ସବୁ ବ୍ୟବସ୍ଥା ଗ୍ରହଣ କରାଯିବା ପରେ ମଧ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ଟି ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲାଯାଇଥିବା ମଣ୍ଡିରେ ଏହା ନିରର୍ଥକ ସାବ୍ୟସ୍ତ ହୋଇଛି। ଯୋଗାଣ ବିଭାଗ, ସମବାୟ ସମିତି ଓ ମିଲରଙ୍କ ସଲା ସୁତରାରେ ଚାଷୀ ଶୋଷଣର ଶିକାର ହେଉଛି। ସରକାରୀ ଧାର୍ଯ୍ୟ ମୂଲ୍ୟ ୨୩ ଶହ ଟଙ୍କା ଥିବା ବେଳେ ସରକାର ବୋନସ ଆକାରରେ ୮ ଶହ ଟଙ୍କା ଚାଷୀଙ୍କୁ ଦେଉଛନ୍ତି। କିନ୍ତୁ ଅଧିକାଂଶ ଚାଷୀ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ଖୋଲାଯାଇଥିବା ଅଧିକାଂଶ ମଣ୍ଡିରେ ଖଳା ନଥିବାରୁ ଚାଷୀ ମଣ୍ଡିରେ ଧାନ ନେଇ ରଖିବା ସମ୍ଭବ ହେଉନାହିଁ। ପଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ଥିବା ପେଣ୍ଠପାଳ, ବଡମୂଳବସନ୍ତ, ନରସିଂହପୁର, ଖଡିଅଣ୍ଟା, ସାନଜରିଆ, ଶ୍ୟାମସୁନ୍ଦରପୁର, ତେରୋହି, ବଡପଡା,,ଓଉପଦା, ସଂସାରଫଳ, ଚନ୍ଦନନଗର, ଅଳଭା, ଡାମରପୁର, କଷଣଅଣ୍ଟା ଆଦି ୧୪ ଗୋଟି ସେବା ସମବାୟ ସମିତିରେ ଖୋଲାଯାଇଥିବା ମଣ୍ଡି ମଧ୍ୟରୁ କେବଳ ମାତ୍ର ବଡମୂଳବସନ୍ତ ମଣ୍ଡିରେ ଖଳା ରହିଥିବା ବେଳେ ଅନ୍ୟ ଗୁଡିକରେ ଅସ୍ଥାୟୀ ଖଳା ଖୋଲାଯାଇଥିବା ନେଇ ପଟ୍ଟାମୁଣ୍ଡାଇ ବିଡିଓ ସୂଚନା ଦେଇଛନ୍ତି। ବାସ୍ତବରେ ଅଧିକାଂଶ ମଣ୍ଡିରେ ଖଳା ନଥିବା ବେଳେ ଚାଷୀ ମଣ୍ଡିରେ ଧାନ ଦେଉନଥିବା ଅଭିଯୋଗ ହୋଇଛି। ସମବାୟ ସମିତି ସମ୍ପାଦକ ମାନେ ଚାଷୀଙ୍କୁ ସିଧା ସଳଖ ଭାବେ ଗାଡି ଭଡା କରି ମିଲରେ ଧାନ ଦେବାକୁ ବାଧ କରୁଛନ୍ତି। ଫଳରେ ଚାଷୀ ନିଜ ଖର୍ଚ୍ଚରେ ମିଲରେ ଧାନ ପହଞ୍ଚାଉଛି। ଅନ୍ୟ ପକ୍ଷରେ ମଣ୍ଡିରେ ଲୋଡିଙ୍ଗ ଓ ଅନଲୋଡିଙ୍ଗ ପାଇଁ କର୍ମଚାରୀ ନିଯୁକ୍ତ ହେବାର ରହିଛି। ଏଠି ପାଇଁ ସରକାର କ୍ୱିଣ୍ଟାଲ ପିଛା ୬ ଟଙ୍କା ୮୫ ପଇସା

**● ଅଧିକାଂଶ ମଣ୍ଡିରେ ନାହିଁ ଖଳା, ନାହାନ୍ତି କର୍ମଚାରୀ**

ହିସାବରେ ପଇଠ କରୁଛନ୍ତି। କିନ୍ତୁ ବାସ୍ତବରେ ମଣ୍ଡିରେ କୌଣସି କର୍ମଚାରୀ ରହୁନଥିବା କେବଳ ସମ୍ପାଦକମାନେ ଲୋକଦେଖାଣିଆ ଭାବେ ଆନାଲାଇଜର ମେସିନ ଥୋଇଥିବା ଦେଖିବାକୁ ମିଳୁଛି। କୌଣସି ମଣ୍ଡିରେ ଧାନ ମାନ ନିର୍ଦ୍ଧାରଣ କରିବା ପାଇଁ କର୍ମଚାରୀ ନଥିବା ବେଳେ ସିଧାସଳଖ ମିଲକୁ ଧାନ ନେଇଯାଉଥିବା ଚାଷୀର କ୍ୱିଣ୍ଟାଲ ପିଛା ୬ ରୁ ୭ କିଲୋ ଧାନ କଟାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଆଖି ସ୍କାନ୍ କରିବାକୁ ଚାଷୀ ସମବାୟ ସମିତି ସମ୍ପାଦକଙ୍କ ପାଖକୁ ଗଲେ ସେମାନେ କ୍ୱିଣ୍ଟାଲ୍ ପିଛା ଏକ କିଲୋରୁ ୨ କିଲୋ ଧାନ କାଟି ହିସାବ କରୁଛନ୍ତି। ଫଳରେ ଚାଷୀଙ୍କର ଏକ କ୍ୱିଣ୍ଟାଲ ପିଛା ୭ ରୁ ୮ କିଲୋ ଧାନ କଟନି ଛଟନିରେ ଯାଉଛି। ଅନ୍ୟ ପକ୍ଷରେ ବିଭିନ୍ନ ସମବାୟ ସମିତିରେ ପଞ୍ଜୀକରଣ କରିଥିବା କେତେକ ଅଣଚାଷୀ ଓ ନାମକୁ ମାତ୍ର ଚାଷୀ ଆଦୌ ଧାନ ଦେଉନଥିବା ବେଳେ ମିଲର ଓ ସମବାୟ ସମିତି ସଲା ସୁତରାରେ ତଥା କଥିତ ସେହି ଚାଷୀ ମାନଙ୍କର ଆଖି ସ୍କାନ କରାଯାଉଛି। ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ ମୋଟ ୩୧ ଶହ ଟଙ୍କାରୁ ଏହି ବର୍ଗ ଚାଷୀ ମାନଙ୍କୁ ମିଲରମାନେ କ୍ୱିଣ୍ଟାଲ୍ ପିଛା ମାତ୍ର ୪ ଶହ ଟଙ୍କା ଦେଉଥିବା ବେଳେ ୨୭ ଶହ ଟଙ୍କା ମିଳିମିଶି ହଡପ କରୁଥିବା ଅଭିଯୋଗ ହୋଇଛି। କୌଣସି ମିଲର ମଣ୍ଡିକୁ ଗାଡି ପଠାଇ ଧାନ ଆଣୁ ନଥିବା ବେଳେ ମିଥ୍ୟା ଭାବେ ଗାଡି ନମ୍ବର ପକାଇ ବିଲ ଭାଉଚର ପ୍ରସ୍ତୁତ କରୁଛନ୍ତି। ସିଧାସଳଖ ମଣ୍ଡିରେ ଧାନ ପହଞ୍ଚାଉଥିବା ଚାଷୀମାନଙ୍କଠାରୁ ମଧ ଅନ୍‌ଲୋଡିଙ୍ଗ ବାବଦରେ ମିଲରମାନେ ବସ୍ତା ପିଛା ୧୦ ରୁ ୧୨ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ମିଲ ଗୁଡିକରେ ଧାନ ଅନଲୋଡିଙ୍ଗ ବାବଦକୁ ଯୋଗାଣ ବିଭାଗ ଅର୍ଥ ବରାଦ କରିଥିଲେ ମଧ ଚାଷୀ ଶୋଷଣର ଶିକାର ହେଉଛି। ଚାଷୀ ମାନଙ୍କ ଧାନ ବୋଝେଇ ଗାଡି ଗୁଡିକ ଦିନ ଦିନ ଧରି ମିଲ ବାହାରେ ଠିଆ ହୋଇ ରହୁଥିଲେ ମଧ ତାହା ଅନଲୋଡିଙ୍ଗ କରାଯାଉନାହିଁ। ପରନ୍ତୁ ମିଲରମାନେ ଚାଷୀମାନଙ୍କୁ ଦୁର୍ବ୍ୟବହାର କରିବାରୁ ପଛାଉ ନଥିବା ଗୁରୁତର ଅଭିଯୋଗ ହୋଇଛି। ମିଲରମାନେ ଏକ କ୍ୱିଣ୍ଟାଲ ଧାନ ବଦଳରେ ଯୋଗାଣ ବିଭାଗକୁ ୬୫ କିଲୋ ଚାଉଳ ଦେବାର ବ୍ୟବସ୍ଥା ରହିଥିବା ବେଳେ ଧାନରୁ ବାହାରୁଥିବା ଶହ ଶହ କ୍ୱିଣ୍ଟାଲ କୁଣ୍ଡା ତେଲ କମ୍ପାନୀକୁ ବିକ୍ରି କରିଦେଉଛନ୍ତି। ଚାଷୀଙ୍କୁ ଶୋଷଣ କରି ମିଲରମାନେ ମାଲେ ମାଲେ ହେଉଥିବା ବେଳେ ଜିଲ୍ଲା ଯୋଗାଣ ଅଧିକାରୀ କୌଣସି ମିଲକୁ ପରିଦର୍ଶନରେ ଆସୁଥିବା ବେଳେ ମିଲ ମାଲିକମାନଙ୍କୁ ସୁରକ୍ଷା ଦେବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଇଁତରା ମାରୁଥିବା ଅଭିଯୋଗ ହୋଇଛି। ମଣ୍ଡି ସମ୍ପର୍କରେ ପଚାରିବାରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଏହି ସମ୍ପର୍କରେ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ ବୋଲି କହିଛନ୍ତି। ଚାଷୀମାନଙ୍କୁ ଶୋଷ କରାଯାଉଥିବା ବେଳେ ଏଥିରେ ଯୋଗାଣ ବିଭାଗ, ସମବାୟ ସମିତି ଓ ମିଲରମାନଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ମଣ୍ଡିରେ ଲାଗିଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି କୃଷକ ନେତା ପାରେଶ୍ୱର ବିଶ୍ୱାଳ, ସମବାୟବିତ୍ ବ୍ରଜବନ୍ଧୁ ଦାଶ, ଦଳିତ ନେତା ଦିଲୀପ ମଲିକ ଓ ଚକ୍ରଧର ସାହୁ ପ୍ରମୁଖ ଦାବି କରିଛନ୍ତି।

### ଅନଲ ମେମୋରିଆଲ ଗୋଲ୍ଡେନ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ଭୁବନେଶ୍ୱରର ରାଇଡର୍ସ ଇଲେଭେନ୍



**ଜଗତସିଂହପୁର,୧୯।୨(ସମିସ):** ଅନଲ ମେମୋରିଆଲ ଗୋଲ୍ଡେନ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ରାଇଡ଼ର୍ସ ଇଲେଭେନ୍ ପୁନଙ୍ଗର ଜୟ ଦୁର୍ଗା ଯୁବ ଓ କ୍ରୀଡା ସଂଘକୁ ପରାସ୍ତ କରିଛି। ପ୍ରଥମେ ଟସ୍ ଜିତି ଭୁବନେଶ୍ୱର ରାଇଡର୍ସ ଇଲେଭେନ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା । ଦଳ୨୦ଓଭର ଖେଳି ୬ଟି ଉଇକେଟ୍ ହରାଇ ୨୪୯ରନ୍ କରିଥଲା। ଦଳ ପକ୍ଷରୁ ପ୍ରଦୀପ ଦାସ ୧୨୫ରନ୍, ଅନୀଲ ସାହୁ ୬୧ ରନ୍ ଓ ବିକ୍ରମ ସାମଲ ୫୧ରନ୍ କରିଥିଲେ। ଜୟ ଦୁର୍ଗା କ୍ଲବ ପକ୍ଷରୁ ସର୍ବାଧିକ ଓଁମ କାର ମହାନ୍ତି ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ଜବାବରେ ଜୟ ଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ୨୦ ଓଭରରେ ୯ଉଇକେଟ୍ ହରାଇ୧୫୭ରନ୍ କରିଥିଲା । ଦଳ ପକ୍ଷରୁ ସର୍ବାଧିକ ସୌମ୍ୟ ରଞ୍ଜନ ସାହୁ ୪୨ରନ୍ କରିଥିଲେ। ଅପର ପକ୍ଷେ ରାଇଡ଼ର୍ସ ଇଲେଭେନର ବିଶ୍ୱଜିତ ମହାପାତ୍ର, ଜମେଲା ମହାପାତ୍ର, ସସ୍ମିତ ସାମଲ ଓ ରାଜେଶ ବରାଳ ପ୍ରତ୍ୟେକ ୨ ଗୋଟି ଲେଖାଏଁ ଉଇକେଟ୍ ନେଇଥିଲେ।ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳୀ ପ୍ରଦୀପ ଦାସଙ୍କୁ ଅତିଥି ରମେଶ ଚନ୍ଦ୍ର ମଲ୍ଲିକ ଓ ଅଦ୍ୱୈତ ଚରଣ ଜେନା, ସମାଜସେବୀ ପ୍ରଭାକର ଦାସ ଓ ଶରତ ସାହୁ ଜୟ ଦୁର୍ଗା କ୍ଲବର ପୂର୍ବତନ ମ୍ୟାନେଜର ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ମ୍ୟାଚ୍ କୁ ସନ୍ତୋଷ ଜେନା, ଦୁର୍ଗା ବିଶୋଇ, କରନ ଖାଁ, କାଦିର ଖାଁ, ସୌମ୍ୟଜିତ, ବାଦଲ, କାହ୍ନୁ, ଦୀପକ, ଗୋପାଳ, ରାଜେଶ,ସତ୍ୟଜିତ, ରୁଦ୍ର ଓ ଶଙ୍କର ପ୍ରମୁଖ ସହଯୋଗ କରିଥିଲେ।

## ଅଚ୍ୟୁତପୁର ହାଟରେ ଗଣ୍ଡଗୋଳ

**ରାଜକନିକା,୧୯।୨(ସମିସ):** ଆଜି ସନ୍ଧ୍ୟାରେ ଭାରିଗଦା ପଞ୍ଚାୟତର ଅଚ୍ୟୁତପୁର ହାଟରେ ବ୍ୟବସାୟୀ ଓ ଜଣେ ସ୍ଥାନୀୟ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ପୁଲିସ ହସ୍ତକ୍ଷେପ କରିଛି । ପୂର୍ବ ଶତ୍ରୁତାରୁ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି। ଗଣ୍ଡଗୋଳ ପାଇଁ ଆଜିର ହାଟକୁ ବନ୍ଦ ରଖାଯାଇଛି ।ପୁଲିସ ଓ ପଞ୍ଚାୟତ୍ ପକ୍ଷରୁ ଘଟଣାର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

## ରାଜନଗର: ୧୪ ସେଣ୍ଟରରେ ହେବ ମାଟ୍ରିକ୍ ପରୀକ୍ଷା

**ରାଜନଗର,୧୯।୨(ସମିସ):** ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫେବ୍ରୁଆରୀ ମାସ ୨୧ ତାରିଖରେ ଆରମ୍ଭ ହେବ।ଏଥିପାଇଁ ବୋର୍ଡ ପକ୍ଷରୁ ଆଜି ପ୍ରଶ୍ନପତ୍ର ରାଜନଗର ନୋଡ଼ାଲ ସେଣ୍ଟରରେ ପହଞ୍ଚିଛି ।କଡା ସୁରକ୍ଷା ବଳୟ ଭିତରେ ପୁଲିସ ପ୍ରଶ୍ନପତ୍ର ଜଗି ରହିଛି। ଚଳିତ ବର୍ଷ ରାଜନଗର ବ୍ଲକର ୧୪ଟି ସେଣ୍ଟରରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ସେଗୁଡିକ ହେଲା ରାଜନଗର ହାଇସ୍କୁଲ, ମାଣପଡା ହାଇସ୍କୁଲ, ଜରିମୂଳ ହାଇସ୍କୁଲ, ନାଉକଣା ହାଇସ୍କୁଲ, ନାଗାନାରାୟଣ ହାଇସ୍କୁଲ, ବାଘମାରୀ ହାଇସ୍କୁଲ, ଗୋଜ ଗୋପାଳପୁର ହାଇସ୍କୁଲ, ହାତିନା ହାଇସ୍କୁଲ,ଦିଘି ବୀଣାପାଣି ହାଇସ୍କୁଲ,ବଡପଲି ହାଇସ୍କୁଲ,କେରଡ଼ାଗଡ଼ ହାଇସ୍କୁଲ, ବନ୍ଧପଡା ହାଇସ୍କୁଲ,ଜଗନ୍ନାଥପୁର ଶାସନ ହାଇସ୍କୁଲ ଓ ମଦନପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମୋଟ ୨୭୭୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ନୋଡ଼ାଲ ସେଣ୍ଟରର ସୁପରିଟେଣ୍ଡେଣ୍ଟ ଶୁଭ୍ରଜ କୁମାର ବରାଳ ସୂଚନା ଦେଇଛନ୍ତି। ପରୀକ୍ଷା ଶାନ୍ତି ଶୃଙ୍ଖଳାରେ ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ୨ଟି ସ୍କାର୍ଡ଼ ଗଠନ କରାଯାଇଛି।

## ବାବା ଚମ୍ପକେଶ୍ୱରଙ୍କ ଷଷ୍ଠ ବାର୍ଷିକ ଉତ୍ସବ



**କୁଜଙ୍ଗ,୧୯।୨(ସମିସ):** କୁଜଙ୍ଗ ଜଗନ୍ନାଥପୁର ସ୍ଥିତ ଦେବ ଦେବ ବାବା ଚମ୍ପକେଶ୍ୱରଙ୍କ ଷଷ୍ଠ ବାର୍ଷିକ ଉତ୍ସବ ସହ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରଦ୍ଧା ଓ ଭକ୍ତି ସହକାରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଏହି ମାଙ୍ଗଳିକ ପୂଜାରେ ଅରୁଣ କୁମାର ନାଥ ଓ ସୁପ୍ରଭା ନାଥ କର୍ତ୍ତା ରୂପେ କାର୍ଯ୍ୟ ସମ୍ପାଦନ କରିଥିବ ବେଳେ ପଣ୍ଡିତ ରିଙ୍କୁ ଦାଶ ଓ ସାଥୀ ମାନେ ହୋମ ଓ ଯଜ୍ଞ ପରିଚାଳନା କରିଥିଲେ। ଅକ୍ଷୟ ନାଥ, ଅଶୋକ ନାଥ, ରବିନ୍ଦ୍ର ନାଥ ଏହି ପୂଜାକୁ ପରିଚାଳନା କରିଥିଲେ।

## ଓକଲା ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ ଓ ଶୋଭାଯାତ୍ରା

**କୁଜଙ୍ଗ,୧୮।୨(ସମିସ):** କୁଜଙ୍ଗ ବ୍ଲକ୍ ପୋତାନଇ ପଞ୍ଚାୟତର ଓକଲା ସତସଙ୍ଗ କେନ୍ଦ୍ରରେ ପ୍ରତି ବର୍ଷ ପରି ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମ ଉତ୍ସବ ଓ ବାର୍ଷିକ ଉତ୍ସବ ଶ୍ରଦ୍ଧା ଓ ଭକ୍ତି ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ସମ୍ମିଳନୀ, ମାତୃ ସମ୍ମିଳନୀ, ସହ ଆତସବାଜି ପ୍ରଦର୍ଶନ ବେଶ ଆକର୍ଷଣୀୟ ହୋଇଥିଲା। ସହ ପ୍ରତି ରତିକ୍ ନିମାଇ ଚରଣ ଦାସଙ୍କ ସଭାପତିତ୍ୱରେ ସତ୍‌ସଙ୍ଗ କେନ୍ଦ୍ରର ସଂପାଦକ ଅକ୍ଷୟ କୁମାର୍ ପାଲ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ଭଦ୍ରକରୁ ଆସିଥିବା ସହ ପ୍ରତିରତିକ ଧରଣୀ ଧର ସ୍ୱାଇଁ, ସତ୍ୟବାନ ତ୍ରିପାଠୀ, ନିଖିଳେଶ୍ୱର୍ ଗିରି, ଅଧିର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନା ଓ କାର୍ଯ୍ୟକ୍ରମରେ ଭାଗ ନେଇ ଠାକୁରଙ୍କ ବାଣୀ ଓ ମାନବ ସମାଜକୁ ବାର୍ତ୍ତା ବୁଝାଇଥିଲେ। ରାହାମା, କୁଜଙ୍ଗ, ପାରାଦୀପ, ଲଥାଙ୍ଗ, ନୂଆପୋଖରୀ, ଏରସମା ଆଦି ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଓ ଠାକୁର୍ ଆଶ୍ରିତ ଯୋଗ ଦେଇଥିଲେ।

## କଟକ-ଚାନ୍ଦବାଲି ରାଜରାସ୍ତାରେ ୨୦୦ ଚକିଆ ଭାରୀଯାନ

**ଡେରାବିଶ,୧୯।୨(ସମିସ):** ପାରାଦୀପ ବନ୍ଦରରୁ ଏକ ସାର କାରଖାନାର ଯନ୍ତ୍ରାଂଶ ନେଇ ତାଳଚେର ଅଭିମୁଖେ ଦୁଇଟି ୨୦୦ ଚକିଆ ଭାରୀଯାନ କଟକ-ଚାନ୍ଦବାଲି ରାଜରାସ୍ତାରେ ଯାଉଛି। ଆଜି ଚାନ୍ଦୋଳ ହାଟ ଥିବାରୁ ଏହି ଭାରିଯାନ ଦୁଇଟି ଚାନ୍ଦୋଳ ହାଟକୁ ଅତିକ୍ରମ କରିବା ବେଳେ ରାସ୍ତାରେ ଯାନବାହାନ ଚଳାଚଳରେ ବାଧାସୃଷ୍ଟି ହୋଇଥିଲା। ଏହି ଯାନ ଦୁଇଟି ଯିବା ସମୟରେ ରାସ୍ତା ଉପର ଦେଇ ପ୍ରବାହିତ ହୋଇଥିବା ବିଦ୍ୟୁତ୍ ତାରଗୁଡ଼ିକୁ ମଧ ବିଦ୍ୟୁତ୍ ବିଭାଗ ପକ୍ଷରୁ କଢ଼ା ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଯାନଦୁଇଟି କେନ୍ଦ୍ରାପଡ଼ା ଜିଲ୍ଲାର ସୀମା ଅନାମଦାସ ଛକରେ ରହିଥିବା ସ୍ୱାଗତ ତୋରଣ ଲାଗିବା ଆଶଙ୍କାରେ କାକଡିଆ ନିକଟରେ ଅଟକି ରହିଥିବା ଦେଖିବାକୁ ମିଳିଛି।

## ବ୍ୟବସାୟୀଙ୍କ ପାଇଁ ସ୍ମୃତିସଭା

**ପାରାଦୀପ, ୧୯।୨ (ସମିସ) :** ପାରାଦୀପର ଜଣାଶୁଣା ଯୁବ ବ୍ୟବସାୟୀ ତଥା ସମାଜସେବୀ ଅମୁଲ୍ୟ ସାମଲ(୫୩)ଙ୍କର ଗତ ୧୦ ତାରିଖ ଦିନ ହୃଦଘାତ ଜନିତ ଅକାଳ ବିୟୋଗ ଘଟିଛି ।ତାଙ୍କର ଆତ୍ମାର ସଦଗତି କାମନା କରି ଆଜି ପାରାଦୀପ ଗଡ଼ ଗେଟ ବଜାରସ୍ଥିତ ଇକ୍ୟୁପମେଣ୍ଟ ଓନର୍ସ ଆସୋସିଏସନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା ଏଥିରେ ସଂଘପକ୍ଷରୁ ଅମୀୟ ପତି ସଭାପତିତ୍ୱ କରିଥବା ବେଳେ ସଂଘର ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା କର୍ମେଶ୍ୱର ସ୍ୱାଇଁ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ତାଙ୍କର ବହୁମୁଖୀ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ଶତ୍ରୁଘ୍ନ ସାହୁ,ଉପସଭାପତି ଚିତ୍ତରଞ୍ଜନ ନାୟକ, କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ସାହୁ, ସହ ସମ୍ପାଦକ ଘନଶ୍ୟାମ ବେହେରା, କୋଷାଧକ୍ଷ ରଞ୍ଜନ ସେଠୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ଜିଲ୍ଲା ଖାଉଟି ଅଦାଲତର ଗୁରୁତ୍ୱପୂର୍ଣ୍ଣ ରାୟ

## ଦମ୍ପତିଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ

ଜଗତସିଂହପୁର,୧୯।୨(ସମିସ):



ଜଣେ ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଜନିତ ଅବହେଳା ଅଭିଯୋଗର ବିଚାରକରି ଜଗତ୍‌ସିଂହପୁର ଜିଲ୍ଲା ଖାଉଟି ଅଦାଲତ ରାହାମା ଠାରେ ଥିବା ଏକ ଘରୋଇ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଲର ଜୟପୁର ଗ୍ରାମର ମନୋରଞ୍ଜନ ଦାସଙ୍କ ପତ୍ନୀ ବନ୍ଦନା ଦାସ ଗର୍ଭବତୀ ହେବାପରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗର ଜନୈକ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଥିଲେ। ତେବେ ସଂପୃକ୍ତ ଡାକ୍ତର ନିୟମିତ ବ୍ୟବଧାନରେ ଅଲଟ୍ରା ସାଉଣ୍ଡ କରିବା ପାଇଁ ପରାମର୍ଶ ଦେବା ପରେ ବନ୍ଦନା ଜଗତ୍‌ସିଂହପୁର ଜିଲ୍ଲାର ରାହାମା ଠାରେ ଥିବା ଏଲ୍‌ଏଣ୍ଡପି ହସପିଟାଲରେ ପ୍ରଥମେ ୨୦୨୧ ଜାନୁୟାରୀ ୨୯ ତାରିଖରେ ଡାଃ ପ୍ରତାପ କେଶରୀ ଦାସଙ୍କ ତତ୍ତ୍ୱାବଧାନରେ ଅଲଟ୍ରାସାଉଣ୍ଡ କରିଥିଲେ। ପରେ ସେହିବର୍ଷ ଏପ୍ରିଲ ୨୧ ତାରିଖ ଏବଂ ଜୁଲାଇ ୨୮ ତାରିଖରେ ମଧ ଅଲଟ୍ରାସାଉଣ୍ଡ କରିଥିଲେ। ତେବେ ପ୍ରତିଥର ଗର୍ଭସ୍ଥ ଶିଶୁର ଅବସ୍ଥିତି, ଶାରୀରିକ ଗଠନ ଏବଂ ଓଜନ ସଠିକ୍ ଥିବା ରିପୋର୍ଟରେ ଉଲ୍ଲେଖ ରହିଥିଲା। ୨୦୨୧ ସେପ୍ଟେମ୍ବର ୧୧ ତାରିଖରେ ଜଗତସିଂହପୁରର ଏକ ଘରୋଇ ନର୍ସିଂହୋମ୍‌ରେ ବନ୍ଦନା ଏକ ଦିବ୍ୟାଙ୍ଗ ଶିଶୁକୁ ଜନ୍ମ ଦେଇଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟ ଭୁଲ୍ ଥିବା ଅନୁଭବ କରି ବନ୍ଦନା ଏବଂ ତାଙ୍କ ସ୍ୱାମୀ ଏଲ୍‌ଏଣ୍ଡପି ହସ୍ପିପିଟାଲର ଡା. ପ୍ରତାପ ଦାସଙ୍କୁ ପଚାରିବାରୁ ସେ ଅଶାଳୀନ ବ୍ୟବହାର କରିଥିଲେ। ପରେ ସାମାଜିକ କର୍ମୀ ସ୍ନେହମୟୀ ଆଚାର୍ଯ୍ୟ ଏବଂ ଆଇନଜିବୀ ଓମ୍ ପ୍ରକାଶ ଦାସଙ୍କ ସହାୟତାରେ ବନ୍ଦନା ଜଗତସିଂହପୁର ଜିଲ୍ଲା ଖାଉଟି ଅଦାଲତରେ ୨୦୨୧ ଅକ୍ଟୋବର ୨୧ ତାରିଖରେ ମାମଲା ଦାୟର କରିଥିଲେ। ଅଦାଲତ ସମସ୍ତ ବିଷୟକୁ ବିଚାର କରି ୨୦୨୨ ସେପ୍ଟେମ୍ବର ୨୨ ତାରିଖରେ ରାୟ ପ୍ରକାଶ କରିଥିଲେ। ଆବେଦନକାରୀଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ମାନସିକ ନିର୍ଯ୍ୟାତନା ବାବଦକୁ ୫୦ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୪ ହଜାର ଟଙ୍କା ପ୍ରଦାନ ପାଇଁ ଏହି ରାୟରେ ସଂପୃକ୍ତ ହସପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହା ବିରୋଧରେ ସମ୍ପୃକ୍ତ ହସ୍‌ପିଟାଲ କର୍ତ୍ତୃପକ୍ଷ ରାଜ୍ୟ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଆବେଦନକାରୀଙ୍କ ଅନୁରୋଧ କ୍ରମେ ପୁନର୍ବାର ଏହି ମାମଲାର ବିଚାର ଜଗତସିଂହପୁର ଜିଲ୍ଲା ଖାଉଟି ଅଦାଲତରେ କରାଯାଇଥିଲା। ମାମଲାର ବିଚାରକରି ଅଦାଲତ ରାହାମାର ଏଲ୍‌ଏଣ୍ଡ ପି ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କୁ ଶିଶୁର ଜନ୍ମ ତାରିଖ ଠାରୁ ୧୦% ସୁଧ ସହିତ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଆଦେଶ କରିଛନ୍ତି। ସେହିପରି ମାନସିକ ନିର୍ଯ୍ୟାତନା ବାବଦକୁ ୧ଲକ୍ଷ ୫୦ ହଜାର ଏବଂ ମାମଲା ପରିଚାଳନା ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖାଉଟି ଅଦାଲତ। ଏହି କ୍ଷତିପୂରଣ ଟଙ୍କା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରହିବ ଏବଂ ଆବେଦନକାରୀ ଏହାର ତତ୍ତ୍ୱାବଧାରକ ରହିବେ। ଶିଶୁକୁ ୨୧ ବର୍ଷ ହେବା ପରେ ଏହି ଟଙ୍କା ତାଙ୍କୁ ପ୍ରଦାନ କରାଯିବ ବୋଲି ମଧ ଉକ୍ତ ରାୟରେ ଉଲ୍ଲେଖ ରହିଛି।

### ● ଯାତ୍ରୀବାହୀ ଡଙ୍ଗା ଓଲଟିଲା

## ଅଳ୍ପକେ ବର୍ତ୍ତିଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ

**ପାରାଦୀପ/ ମହାକାଳପଡ଼ା ,୧୯।୨ (ସମିସ):** ଆଜି ସନ୍ଧ୍ୟାରେ ମହାନଦୀରେ ଯାତ୍ରୀବାହୀ ଡଙ୍ଗା ଓଲଟି ପଡ଼ିଥିବା ବେଳେ ଅଳ୍ପକେ ଉଦ୍ଧାର ପାଇଛନ୍ତି ଯାତ୍ରୀ। ମହାକାଳପଡ଼ା ବ୍ଲକ ରାମନଗର ବାହାକୁଦ-ମୂଷାଡ଼ିଆ, ପାରାଦୀପ ଫେରିଘାଟରେ ବୁଧବାର ସନ୍ଧ୍ୟାରେ ଏହି ଅଘଟଣ ଘଟିଛି। ଡାଙ୍ଗାରେ ଥିଲେ ୫୦ ଉର୍ଦ୍ଧ୍ୱ ଯାତ୍ରୀ। କେନ୍ଦ୍ରାପଡ଼ାର ବାହାକୁଦ ଘାଟରୁ ପାରାଦୀପ ଆସୁଥିଲା ଡଙ୍ଗା। ସନ୍ଧ୍ୟା ସମୟ ହୋଇଥିବା ବେଳେ ପାରାଦୀପ ଓ ଆଖପାଖ ଅଞ୍ଚଳରେ ସାମାନ୍ୟ ବର୍ଷା ସହିତ ଜୋରରେ ପବନ ହୋଇଥିଲା। ଫଳରେ ଡଙ୍ଗାଟି ମୂଷାଡିଆ ଘାଟର ଅଳ୍ପ ଦୂରରେ ଭାରସାମ୍ୟ ହରାଇ ବୁଡିଯାଇଥିଲା। ସମସ୍ତ ଯାତ୍ରୀ ପାଣିରେ ପଶି ସୁରକ୍ଷିତ ଭାବେ କୂଳକୁ ଆସିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ଘାଟରେ ବିନା କୌଣସି ଲାଇଫ୍ ଜ୍ୟାକେଟ୍‌ରେ ଡଙ୍ଗାରେ ଯାତ୍ରୀ ପରିବହନ କରାଯାଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାକୁ କେହି ମାନୁ ନଥିବା ଅଭିଯୋଗ ହେଉଛି। ଯଦି ମଝି ନଦୀରେ ଏଭି ଅଘଟଣ ହୋଇଥାନ୍ତା, ତେବେ ଅଧିକ ଧନଜୀବନ ହାନି ହୋଇଥାନ୍ତା ବୋଲି କୁହାଯାଉଛି।

### ● ବିଜେଡି ଯୁବନେତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ, ଜିଲାପାଳଙ୍କୁ ଫେରାଦ

**କେନ୍ଦ୍ରାପଡ଼ା,୧୯।୨(ସମିସ):** ଆଳି ବ୍ଲକର ବିଜେଡି ଯୁବ ସଭାପତି କେଦାରନାଥ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁନାହିଁ। ଯାହା ଫଳରେ ଏହି ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ମାମଲା ଉଠାଇଦେବା ପାଇଁ ହତ୍ୟା ଧମକ ଦେଉଛନ୍ତି। ଥାନାରୁ ନ୍ୟାୟ ନମିଳିବା ପରେ ଅଭିଯୋଗକାରୀ ଓ ବିଜେଡିର ତୁଙ୍ଗନେତାମାନେ ବୁଧବାର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀମାନେ ଭେଟି ଅଭିଯୋଗ



କରିଥିଲେ ଯେ ଶାସକ ଦଳର ଗୁଣ୍ଡାମାନେ ରାଜନୈତିକ ଉଦେଶ୍ୟ ରଖି କେଦାରଙ୍କୁ ଆକ୍ରମଣ କରିଥିଲେ। ଏଥିରେ କେଦାର ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆଳି ଥାନାରେ ଏତଲା ଦିଆଯିବା ପରେ ପୁଲିସ ଲୋକଦେଖାଣିଆ ଭାବରେ ଏକ ମାମଲା ରୁଜୁ କରି ଚୁପ ହୋଇ ବସିଛି। କିନ୍ତୁ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ। ଏଣୁ ଆକ୍ରମଣର ଶିକାର ହୋଇଥିବା କେଦାର ନ୍ୟାୟ ପାଇପାରୁନାହିଁ। କେଦାରଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜେଡି ନେତା ଓ କର୍ମୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଆରକ୍ଷୀ ଅଧୀକ୍ଷକଙ୍କ ସହ କଥା ହୋଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅପରପକ୍ଷରେ ଯଦି ଏକ ସପ୍ତାହ ମଧ୍ୟରେ ଆଳି ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ ନକରେ ତେବେ ଆସନ୍ତା ୨୬ତାରିଖରେ ବିଜେଡି ପକ୍ଷରୁ ରାସ୍ତାରୋକ କରାଯିବା ସହ ଆଳି ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଳି ୧ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଦେସାହି ସମିତିସଭ୍ୟ ସନ୍ତୋଷ ବେହୁରିଆ, ଦେସାହି ସରପଞ୍ଚ ମୋନାଲିସା ଦାସ, ମମତା ଭୂୟାଁ ପ୍ରମୁଖ ବହୁ ଜନପ୍ରତିନିଧି ଓ ବିଜେଡି କର୍ମୀମାନେ ଜିଲ୍ଲାପାଳଙ୍କୁ ଭେଟି ଏସମ୍ପର୍କରେ ଅଭିଯୋଗ ପ୍ରଦାନ କରିଥିଲେ।

## ନୂତନ ଆଇଆଇସି ବନ୍ଦନା ପାତ୍ରଙ୍କ ଯୋଗଦାନ



**ପଟ୍ଟାମୁଣ୍ଡାଇ,୧୯।୨(ସମିସ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁଙ୍କର ଭଦ୍ରକ ଜିଲ୍ଲାକୁ ବଦଳି ହୋଇଛି ।ତାଙ୍କ ସ୍ଥାନରେ ନୂତନ ଆଇଆଇସି ଭାବେ ବନ୍ଦନା ପାତ୍ର ଯୋଗ ଦେଇଛନ୍ତି । ଶ୍ରୀମତୀ ପାତ୍ର ଏଥି ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର, ବାରଗାଁ, କେନ୍ଦୁଝର ଜିଲ୍ଲା ଘଟଗାଁ ,ରାମଚନ୍ଦ୍ରପୁର ଓ ଭଦ୍ରକ ଜିଲ୍ଲା ଧାମନଗର ଥାନା ଆଇଆଇସି ଭାବେ ଦକ୍ଷତାର ସହ କାର୍ଯ୍ୟକରି ପ୍ରଶଂସିତ ହୋଇଛନ୍ତି । ପଟ୍ଟାମୁଣ୍ଡାଇ ଥାନା ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ଇନିସପେକ୍ଟର ଥାନା ଆଇଆଇସି ଦାୟିତ୍ୱ ଗ୍ରହଣ କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଭାବେ ମହିଳା ଇନିସପେକ୍ଟର ବନ୍ଦନା ପାତ୍ରଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ବୃନ୍ଦାବନ ଚନ୍ଦ୍ର ବିଦ୍ୟାମନ୍ଦିର ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ

**ରଘୁନାଥପୁର,୧୯।୨(ସମିସ):** ରଘୁନାଥପୁର ବ୍ଲକ ଅଧିନସ୍ଥ ବୃନ୍ଦାବନଚନ୍ଦ୍ର ବିଦ୍ୟାମନ୍ଦିରର ୧୯୭୮ ମସିହା ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଙ୍ଗତ ବନ୍ଧୁମାନଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିବା ସହ ଅସୁସ୍ଥଥିବା ସହପାଠୀ ମାନଙ୍କ ଆରୋଗ୍ୟ କାମନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବା ପାଇଁ ଆଲୋଚନା କରାଯାଇଥିଲା। ରବିନ୍ଦ୍ର ନାଥ ବିଶ୍ୱାଳ, ଚିତ୍ତରଞ୍ଜନ ରାଉତ, ସୌନେନ୍ଦ୍ର ରାଉତରାୟ, କୃଷ୍ଣ ପ୍ରିୟା ବିଶ୍ୱାଳ, ସୁରେଶ ଚନ୍ଦ୍ର ମୁଦୁଲି, କନକ ଜେନା,ବିଜୟ ଖଟୁଆ,ଗୌରାଙ୍ଗ ଦଳେଇ ,ଜ୍ୟୋସ୍ନାମୟୀ ସାମଲ,ନିମାଇ ବାରିକ,ସରୋଜ ଦାଶ,ବିଜୟମହାନ୍ତି,ଶରତଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

**ପାରାଦୀପ, ୧୯।୨ (ସମିସ) :** ଆଜି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାରାଦୀପରେ ଯକ୍ଷ୍ମା ଉପରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଇଏସ୍‌ଆଇ, ରେଳବାଇ, କୋଇଲା, ଖଣି, ପ୍ରତିରକ୍ଷା ଏବଂ କର୍ପୋରେଟ୍ ହସ୍ପିଟାଲର ଚିକିତ୍ସା ଅଧିକାରୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଡାକ୍ତର ପଟ୍ଟନାୟକ ଅନୁରୋଧ କରିଥିଲେ ଯେ ପ୍ରତ୍ୟେକ ଘରୋଇ ଏବଂ ସରକାରୀ ଶିଳ୍ପ ବିଭାଗ ବର୍ଷରେ ଦୁଇଥର ସେମାନଙ୍କ କର୍ମଚାରୀଙ୍କ ପାଇଁ ଯକ୍ଷ୍ମା ସ୍କ୍ରିନ୍/ଡାଇଗ୍ନୋଷ୍ଟିକ୍ ଶିବିର କରିବା ଉଚିତ। ବିପିନ ବିହାରୀ ପାତ୍ର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜିଲ୍ଲା ସ୍ଥିତି ଏବଂ ଜିଲ୍ଲାରେ ୧୦୦ ଦିନିଆ ସ୍ୱତନ୍ତ୍ର ଯକ୍ଷ୍ମା ଅଭିଯାନ କାର୍ଯ୍ୟକାରିତା ଉପରେ ସ୍ଲାଇଡ୍ ଉପସ୍ଥାପନ କରୁଥିଲେ। ଏମ୍‌ଡି ୱାକାର ଅଲ୍ଲି ଜିଲ୍ଲା ସରକାରୀ ବେସରକାରୀ ମିଶ୍ର ସଂଯୋଜକ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ତାଙ୍କର ଉପସ୍ଥାପନାରେ ଯକ୍ଷ୍ମା ମୁକ୍ତ କାର୍ଯ୍ୟ ସ୍ଥାନ ଉପରେ ଆଲୋଚନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସୌମିତ୍ର କୁମାର ସ୍ୱାଇଁ ଯକ୍ଷ୍ମା ସ୍ୱାସ୍ଥ୍ୟ ପରିଦର୍ଶକ ଏବଂ କୁଜଙ୍ଗ ବ୍ଲକର ଯକ୍ଷ୍ମା ବିଭାଗର ବରିଷ୍ଠ ଚିକିତ୍ସା ପର୍ଯ୍ୟବେକ୍ଷକ ସୟଦ ଅମିନୁଲ ଇସଲାମ ଉପସ୍ଥିତ ଥିଲେ। ଶେଷରେ ସୟଦ ଅମିନୁଲ ଇସ୍‌ଲାମ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବିରିଡି ,୧୯।୨ (ସମିସ):** ବିରିଡି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧୁଶାସନ ପକ୍ଷରୁ ବିଦ୍ୟାଳୟର କୃତି ଛାତ୍ରୀ ଆସ୍ତାଦାଶ ତୃତୀୟ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସିଆରସିସି ଧନଞ୍ଜୟ ମିଶ୍ରଙ୍କ ପୌରହିତରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ସେଠୀ, ସମ୍ମାନିତ ଅତିଥି ଭାବେ ମୀନର୍ଭାବଳ, ସର୍ମିଷ୍ଠା ସ୍ୱାଇଁ , ନିରୂପମା ରଥ ଓ ଛାତ୍ରୀଙ୍କ ପିତା ରାକେଶ ଦାଶ ,ମାତା ବିଚିତ୍ରା ଦାଶ ପ୍ରମୁଖ ଉପସ୍ଥିତ ରହି ଫୁଲତୋଡ଼ା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

■ ରେଭେନ୍ସା ବାଳିକା ହଷ୍ଟେଲରେ ଛାତ୍ରୀ ମୃତ୍ୟୁ ଘଟଣା

# ସପ୍ତାହକ ପରେ ବି କାରଣ ଅସ୍ପଷ୍ଟ



ଗଁଦିଆ, ୧୯ ।୨(ସମିସ): ଗଁଦିଆ ଥାନା ଆମ୍ବପଡ଼ା ଗ୍ରାମର ଶୁଭସ୍ମିତା ଦାଶ ରେଭେନ୍ସା ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ବେଳେ ଗତ ୧୩ ତାରିଖ ତାଙ୍କ ମୃତଦେହ ହଷ୍ଟେଲରୁ ଉଦ୍ଧାର ହୋଇଥିଲା । ହଷ୍ଟେଲ ପରିଚାଳିକା ପରିବାର ଲୋକଙ୍କୁ କୌଣସି ସୂଚନା ନ ଦେଇ ମୃତଦେହ ମେଡିକାଲ ନେଇଥିବା ବେଳେ ଏବେ ପୁଲିସ ସହାୟତାରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ଘଟଣାକୁ ୭ ଦିନ ବିତିଯାଇଥିଲେ ଶୁଭସ୍ମିତା କାହିଁକି ଆତ୍ମହତ୍ୟା କଲେ ସେ ନେଇ ପ୍ରକୃତ ତଥ୍ୟ ଜଣାପଡ଼ି ନାହିଁ ।

୧୩ ତାରିଖ ଗୁରୁବାର କଟକସ୍ଥିତ ରେଭେନ୍ସା ବାଳିକା ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀ ଶୁଭସ୍ମିତାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି । ଘଟଣା ଦିନ ଅପରାହ୍ନ ୧୨ଟା ୨୦ରେ ଶୁଭସ୍ମିତାଙ୍କ ମୃତ୍ୟୁ ହୋଇଥିବା ନେଇ ଛାତ୍ରୀନିବାସରୁ ଫୋନ ଯୋଗେ ତାଙ୍କ ମାଆଙ୍କୁ କୁହାଯାଇଥିଲା । ଏ ନେଇ ହଷ୍ଟେଲ ପରିଚାଳିକା ରମା ସ୍ୱାଇଁଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ । ଶୁଭସ୍ମିତାଙ୍କ ବାପା ଓ ମା' ହଷ୍ଟେଲରେ ପହଞ୍ଚି ଶୁଭସ୍ମିତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିବା ଜାଣିବାକୁ ପାଇଥିଲେ । ଡାକ୍ତରଖାନାରେ ପହଞ୍ଚି ଝିଅର ମୃତଦେହ ଏକ ଷ୍ଟ୍ରେଚର ପଡ଼ିଥିବା ଦେଖିବାକୁ ପାଇଥିଲେ । ମୃତଦେହ ନିକଟରେ ହଷ୍ଟେଲର କୌଣସି କର୍ମଚାରୀ ନ ଥିଲେ । ପରିବାର ଲୋକେ ଶୁଭସ୍ମିତାଙ୍କ ଶରୀରରେ କ୍ଷତ ଓ ଗାଲରେ ଦାଗ ଥିବା ଦେଖିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଡାକି ଶବ ବ୍ୟବଚ୍ଛେଦ କରିବାକୁ କହିଥିଲା । ବ୍ୟବଚ୍ଛେଦ ପାଇଁ ପୁଲିସ ଦସ୍ତଖତ କରିବାକୁ ପରିବାର ଲୋକଙ୍କୁ କହିଥିଲା । ପୁଲିସ ଫର୍ମ ଦେଇ ଯାହା କୁହାଯାଉଛି ତାହା ଲେଖ ବୋଲି କହିବା ସହିତ ତୁରନ୍ତ ବ୍ୟବଚ୍ଛେଦ କରିବାକୁ କହିଥିଲା । ବ୍ୟବଚ୍ଛେଦ ପରେ ପରିବାର ଲୋକେ ରେଭେନସା ବାଳିକା ବିଦ୍ୟାଳୟ ଛାତ୍ରୀନିବାସକୁ ମୃତଦେହ ନେଇଥିଲେ । ତେବେ ସେଠାକୁ ଯିବାକୁ ପରିବାର ଲୋକଙ୍କୁ ପୁଲିସ ବାରଣ କରିଥିଲା । ଶୁଭସ୍ମିତା ରଶିରେ ଝୁଲି ଆତ୍ମହତ୍ୟା କରିଥିବା ପୁଲିସ ପରିବାର ଲୋକଙ୍କୁ ବାରମ୍ବାର କହିଥିଲା । ତେବେ ଯଦି ଶୁଭସ୍ମିତା ଆତ୍ମହତ୍ୟା କରିଛି ତେବେ ତାଙ୍କ ଝୁଲନ୍ତା ମୃତଦେହର ଫଟୋ ଦେଖାଇବାକୁ ପରିବାର ଲୋକେ କହିଥିଲେ । କିନ୍ତୁ ତାହା ନାହିଁ ବୋଲି ପୁଲିସ କହିଛି । ଅନ୍ୟପଟେ ଘଟଣା ପୂର୍ବଦିନ ହଷ୍ଟେଲ ପରିଚାଳିକା ରମା ସ୍ୱାଇଁ ଶୁଭସ୍ମିତାଙ୍କ ମାଆଙ୍କୁ ଫୋନ କରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ତେଣୁ ଶୁଭସ୍ମିତାଙ୍କ ମୃତ୍ୟୁ ଘଟଣା ଏବେ ବି ସନ୍ଦେହ ଘେରରେ ରହିଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି ।

# ପଥପ୍ରାନ୍ତ ସୁବିଧାକେନ୍ଦ୍ର ଭୂତକୋଠିରେ ପରିଣତ

ହିନ୍ଦୋଳ, ୧୯ ।୨(ସମିସ):




ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଆରମ୍ଭରୁ ତାଲା ଝୁଲୁଛି । କୋଟି କୋଟି ଟଙ୍କାରେ ନିର୍ମିତ ଏହି ସୁବିଧା କେନ୍ଦ୍ର ଏବେ ଭୂତକୋଠିରେ ପରିଣତ ହୋଇଛି । କେନ୍ଦ୍ର ସମ୍ପର୍କିତ କାଗଜପତ୍ର କାହା ନିଟକରେ ନ ଥିବାବେଳେ ଏବେ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ।

ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ସେହି ଟଙ୍କାରେ ବିଭିନ୍ନ ଗ୍ରାମାଞ୍ଚଳରେ ଗ୍ରାମୀଣ ପାର୍କ ହେଉ, କି ଚାଷୀମାନଙ୍କ ସୁବିଧା ପାଇଁ ବିଭିନ୍ନ ପଞ୍ଚାୟତରେ ଧାନଖଳା ଏପରି ଅନେକ ଯୋଜନାରେ ସରକାରୀ ଅର୍ଥ ଖର୍ଚ୍ଚ ହେଉଛି । ତେବେ ଏହା କେବଳ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଠିକାଦାର ସନ୍ତୁଷ୍ଟୀକରଣ ପାଇଁ କରାଯାଉଥିବା ଦେଖିବାକୁ ମିଳୁଛି । ସରକାର କା ମାଲ ଦରିଆ ମେ ଡାଲ ନ୍ୟାୟରେ ସରକାରୀ ଟଙ୍କାରେ ନିର୍ମିତ ପ୍ରକଳ୍ପର ଦାୟିତ୍ୱ କେହି ବି ନେଉନାହାନ୍ତି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ହିନ୍ଦୋଳ ଉପଖଣ୍ଡ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଗଣ୍ଡାନାଳି ପଞ୍ଚାୟତ ଚିଲତଇଲା ନିକଟରେ ନିର୍ମିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ । ୨୦୧୭ରେ ପ୍ରଶାସନ ପକ୍ଷରୁ ମାଗଣାରେ ଜାଗା ଯୋଗାଇ ଦେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରିଥିଲା । ୨୦୧୮ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ପଥିକ, ଗାଡ଼ିଚାଳକ ଏଠାରେ ବିଶ୍ରାମ ନେବା ଏହି କେନ୍ଦ୍ର ନିର୍ମାଣର ଲକ୍ଷ୍ୟ ଥିଲା । ତେବେ ଏଠାରେ ପଥଚାରୀଙ୍କ ପାଇଁ କୌଣସି ଖାଦ୍ୟ, ପାନୀୟ କିମ୍ବା କ୍ୟାବିନ ବ୍ୟବସ୍ଥା ହୋଇ ନ ଥିଲା । କେବଳ ଗୋଟିଏ ବିଶାଳ କୋଠା, ଗାଡ଼ି ପାର୍କିଂ ପାଇଁ ସ୍ଥାନ ଓ ଶୌଚାଳୟ ସୁବିଧା କରାଯାଇଥିଲା । ୨୦୧୮ ସେପ୍ଟେମ୍ବରରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା । ହେଲେ କିଛିଦିନ ଭିତରେ ସେହି କେନ୍ଦ୍ରରେ ଲାଗିଥିବା ଏସି, ଜେନେରେଟର ଓ ଅନ୍ୟାନ୍ୟ ଉପକରଣ ଖରାପ ହୋଇଯାଇଥିଲା । ଏତେ ଟଙ୍କାରେ ନିର୍ମିତ ପ୍ରକଳ୍ପର କେହି ଦାୟିତ୍ୱ ନ ନେବାରୁ ତାହା ଏବେ ଭୂତକୋଠି ପାଲଟିଛି । ଅସାମାଜିକ ଯୁବକ ସେଠାରେ ଆଡ୍ଡା ଜମାଉଥିବା ଦେଖିବାକୁ ମିଳୁଛି ।

ଉଦଘାଟନର ଗୋଟିଏ ମାସ ପରେ ଏହି ସୁବିଧା କେନ୍ଦ୍ର ଆଉ ଲୋକଙ୍କୁ ସୁବିଧା ଯୋଗାଇନାହିଁ । ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗକୁ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ହସ୍ତାନ୍ତର କରି ତା'ର ରକ୍ଷଣାବେକ୍ଷଣ ଓ ପରିଚାଳନା ଭାର ଦେବାକୁ ସ୍ଥିର କରିଥିଲେ । ପର୍ଯ୍ୟଟନ ବିଭାଗ ମଧ୍ୟ ଏହାର ଦାୟିତ୍ୱ ନେଇଥିଲା । କିନ୍ତୁ ଆନ୍ତରିକତା ଅଭାବରୁ ଏହା ସଫଳ ହୋଇପାରିଲା ନାହିଁ । ବର୍ଷ ବର୍ଷ ଧରି ସୁବିଧା କେନ୍ଦ୍ର ଭୂତକୋଠି ହୋଇ ପଡ଼ିରହିଛି । ସେହିପରି ୨୦୨୨ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ବସି ରାଜ୍ୟରେ ଥିବା ସମସ୍ତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକ ମିଶନ ଶକ୍ତି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ପୂର୍ତ୍ତ ବିଭାଗ ଏହାର ମରାମତି କରି ମିଶନ ଶକ୍ତି ବିଭାଗକୁ ହସ୍ତାନ୍ତର କରି ପରିଚାଳନା ଭାର ଦେବାକୁ ସମୟ ଧାର୍ଯ୍ୟ ହୋଇଥିଲା । କିନ୍ତୁ ନିର୍ଦ୍ଧାରିତ ସମୟରେ ତାହାକୁ ହସ୍ତାନ୍ତର କରାଗଲା ନାହିଁ । ପୁଣି ୨୦୨୩ ଫେବୃଆରୀରେ ଉଚ୍ଚସ୍ତରୀୟ ବୈଠକ ବସି ରାଜ୍ୟରେ ଥିବା ସମସ୍ତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକୁ ଏପ୍ରିଲ ସୁଦ୍ଧା ମିଶନ ଶକ୍ତି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସ୍ଥିର ହୋଇଥିଲା । ଏପ୍ରିଲ ୫ରେ ତତ୍କାଳୀନ ମିଶନ ଶକ୍ତି ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ବସି ମେ ୨୦ ସୁଦ୍ଧା ଏ ସବୁ କେନ୍ଦ୍ରଗୁଡ଼ିକ ମରାମତି କାର୍ଯ୍ୟ ଶେଷ କରି ହସ୍ତାନ୍ତର କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ହେଲେ ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଫଳରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଏବେ ଅବ୍ୟବହୃତ ହୋଇ ପଡ଼ିରହିଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ସରକାରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଜରିଆରେ ମିଶନ ଶକ୍ତି ବିଭାଗକୁ ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯାଇଛି । ହିନ୍ଦୋଳ ବିଡିଓ କଲ୍ୟାଣ ସୌରଭ ଦାସଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ସିଡିପିଓଙ୍କ ଜରିଆରେ ମିଶନ ଶକ୍ତି ବିଭାଗକୁ ଏହାର ଦାୟିତ୍ୱ ଦିଆଯାଇଛି । ତେବେ ରକ୍ଷଣାବେକ୍ଷଣ ବିଷୟରେ ସେ ଅଧିକ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି । ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଜନସାଧାରଣଙ୍କୁ କେବେ ସୁବିଧା ଯୋଗାଇବ ତାହା ଦେଖିବାକୁ ବାକି ରହିଲା ।

# ସଦର ବ୍ଲକସ୍ତରୀୟ 'ନିପୁଣ ଓଡ଼ିଶା' ମେଳା



ଢେଙ୍କାନାଳ, ୧୯ ।୨(ସମିସ): ସଦର ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ଅଧ୍ୟକ୍ଷତା କରିଥିଲେ । ୨୦୨୬ ସୁଦ୍ଧା ସମସ୍ତ ପ୍ରାଥମିକ ଶିକ୍ଷାର୍ଥୀଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ଦକ୍ଷ କରିବା ନିପୁଣ ଓଡ଼ିଶାର ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲକୁ ଏକ ଯୁଦ୍ଧ ଭାବି ଶିକ୍ଷକ ଶିକ୍ଷୟିତ୍ରୀମାନେ ବୀର ସୈନିକ ଭଳି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କୋମଳମତି ଛାତ୍ରଛାତ୍ରୀମାନେ ଭଗବାନ ସଦୃଶ । ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉପାଧ୍ୟକ୍ଷା ସ୍ନେହଲତା ରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ମନୁଷ୍ୟ ମସ୍ତିଷ୍କର ୮୫ ପ୍ରତିଶତ ବିକାଶ ପ୍ରାଥମିକ ସ୍ତରରେ ଘଟିଥାଏ । ତେଣୁ ପ୍ରାଥମିକ ପିଲାଙ୍କୁ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ଓ ଅଭିନବ ଶିକ୍ଷାଦାନ ଦ୍ୱାରା ସେମାନଙ୍କୁ ବିକଶିତ କରିବା ପାଇଁ ସେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା, ଦୀପ୍ତିରଞ୍ଜନ ସେଠୀ ଶିକ୍ଷକ ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ, ଏବିଇଓ ଭଗବାନ ବେହେରା, ଯୋଗଦେଇଥିଲେ । ୧୭ କ୍ଲଷ୍ଟରରୁ ସ୍ଥାନିତ ହୋଇଥିବା ନିପୁଣ ଓଡ଼ିଶା ମେଳାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଶିକ୍ଷଣ ସାଧନ ଉପକରଣ ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିଥିଲେ । ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଚିତ୍ତାକର୍ଷକ କଣ୍ଢେଇ ନାଚ ଆୟୋଜନ କରାଯାଇଥିଲା । ସିଆର୍‌ସିସି ପ୍ରମୋଦ ସାହୁ ମଞ୍ଚ ସଞ୍ଚାଳନ କରିଥିବାବେଳେ ବିଆର୍‌ସିସି ଦେବବ୍ରତ ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ସିଆର୍‌ସିସି ବିକାଶ ଜେନା, ଅର୍ଜୁନ ନାୟକ, ନୃସିଂହ ବେହେରା, ପ୍ରଭାତୀ ବେହେରା, ଝସକେତନ ପ୍ରଧାନ ଓ ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକ ସମେତ ବ୍ଲକର ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ ।

# କୃଷିପ୍ରଧାନ ଅଞ୍ଚଳରେ ନାହିଁ ଶୀତଳଭଣ୍ଡାର

ଖଜୁରିଆକଟା, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଶୀତଳଭଣ୍ଡାରଟିଏ ହୋଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ହିନ୍ଦୋଳ ଉପଖଣ୍ଡ ସର୍ବଦା ଅବହେଳିତ ତଥା ବିଭିନ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହିଆସିଛି । ଉପଖଣ୍ଡର ଗ୍ରାମାଞ୍ଚଳରେ ପୂର୍ବରୁ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକେ କୃଷି ଉପରେ ନିର୍ଭରଶୀଳ ଥିଲେ । ତେବେ ଚାଷୀଙ୍କୁ ଉପଯୁକ୍ତ ସରକାରୀ ସହଯୋଗ, ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାକୁ ବଜାର ବ୍ୟବସ୍ଥା, ସଂରକ୍ଷିତ ରଖିବାକୁ ଶୀତଳଭଣ୍ଡାର ଏବଂ ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଲୋକେ କୃଷି ଉପରୁ ମୁହଁ ଫେରାଇ ନେଇଛନ୍ତି । ସେହିପରି ଅଞ୍ଚଳରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ମଧ୍ୟ ନିଯୁକ୍ତି ସୁଯୋଗ ମିଳୁ ନ ଥିବାରୁ ଅଧିକାଂଶ ଲୋକେ ଦାଦନ ଖଟିବାକୁ ଅଞ୍ଚଳ ଛାଡ଼ିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି । ଶୀତଳଭଣ୍ଡାର ନ ଥିବାରୁ କୃଷକମାନେ ଶାଗମାଛ ଦରରେ କୃଷିଦ୍ରବ୍ୟ ବିକିଦେବା ସହ ଉପଯୁକ୍ତ ମୂଲ୍ୟ ପାଇପାରୁନାହାନ୍ତି ।

୩୫ ପଞ୍ଚାୟତ ଓ ଗୋଟିଏ ଏନଏସିକୁ ନେଇ କୃଷିପ୍ରଧାନ ହିନ୍ଦୋଳ ଉପଖଣ୍ଡ ଗଠିତ । ଅଞ୍ଚଳର ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ ଥିବାବେଳେ ୩୧୫୩୭ ହେକ୍ଟର ଚାଷଜମି ରହିଛି । ସେଥିରୁ ୧୮୦୦ ହେକ୍ଟର

■ ଚାଷୀ ସର୍ବସ୍ୱାନ୍ତ

ଖରିଫ ଓ ୧୫୭୭୩ ହେକ୍ଟର ରବି ଫସଲ ପାଇଁ ଉଦ୍ଦିଷ୍ଟ । ସେଥିମଧ୍ୟରୁ ମାତ୍ର ୨୫୨୦ ହେକ୍ଟର ଜଳସେଚିତ ହୋଇଥିବା ବେଳେ ଏଠାରେ ଥିବା ଅଧିକାଂଶ କେନାଲ ଅଣଓସାରିଆ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଭାଙ୍ଗିରୁଜି ଗଲାଣି । ପାଣି ଆସୁ ନ ଥିବାରୁ ଅବ୍ୟବହୃତ ହୋଇପଡ଼ିଛି । ସ୍ଥାନୀୟ ଚାଷୀ ଧାନ ସହ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ମାତ୍ର ବଜାର ଅବ୍ୟବସ୍ଥା ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଇପାରନ୍ତି ନାହିଁ । ଏହାଛଡ଼ା ପ୍ରକୃତ ଚାଷୀ ବିହନ, କୃଷି ଯନ୍ତ୍ରପାତି, ସୌର ଚାଳିତ ଫ୍ରିଜର ଇତ୍ୟାଦିର କୌଣସି ସୁବିଧା ସୁଯୋଗ ପାଇପାରନ୍ତି ନହିଁ । କାରଣ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯାଉଥିବା ଅଧିକାଂଶ ସୁବିଧା କୁଜିନେତା ତଥା ରାଜନୈତିକ ବ୍ୟକ୍ତିମାନଙ୍କ ଚେଲାଚାମୁଣ୍ଡାମାନେ ତଞ୍ଚକତା କରି ହାତେଇ ନିଅନ୍ତି । ପ୍ରକୃତ ଚାଷୀ ଅବହେଳିତ ହେବାସହ କୌଣସି ସୁବିଧା ସୁଯୋଗ ପାଇପାରନ୍ତି ନାହିଁ । ଅଣଚାଷୀମାନେ ସରକାରୀ ସହାୟତା ହାତେଇନେଇ କୃଷି କାର୍ଯ୍ୟ କରନ୍ତି ନାହିଁ । ନିର୍ବାଚିତ ପ୍ରତିନିଧି ଓ କୃଷି ବିଭାଗ ଏଥିପ୍ରତି ଆଖି ବୁଜି ଦେଉଥିବା ବେଳେ ଏକ ଶୀତଳଭଣ୍ଡାର ସ୍ଥାପନ ସହ ଜଳସେଚନର ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ଉପଖଣ୍ଡ ଜନସାଧାରଣ ଦାବି କରିଛନ୍ତି ।

# ରାସ୍ତାକାର୍ଯ୍ୟ ଯୋଗୁଁ ଫସଲ କ୍ଷତି ଆଶଙ୍କା

ଢେଙ୍କାନାଳ, ୧୯ ।୨(ସମିସ): ଢେଙ୍କାନାଳ ପୂର୍ତ୍ତବିଭାଗ ଦ୍ୱାରା ଚାଉଳିଆ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଟଭାପାଳ ରାସ୍ତାକାର୍ଯ୍ୟ ସହ ମଣ୍ଡାପାଳ ଗ୍ରାମ ଚାଷଜମି ରାସ୍ତାରେ ଏକ କଲଭର୍ଟ ନିର୍ମାଣ ହେଉଛି । ଏହା ଦ୍ୱାରା ଚାଷୀମାନଙ୍କର ବିପୁଳ କ୍ଷତି ହେବ ବୋଲି ଆଶଙ୍କା କରାଯାଉଛି ।



ସଦର ବ୍ଲକ ମଣ୍ଡାପାଳ ଗ୍ରାମର ଚାଷୀମାନଙ୍କ ପାଟଜମି ଯୋର ବା ନାଳ ହୋଇଯିବ । ତେଣୁ ଯେଉଁ ରାସ୍ତା କାର୍ଯ୍ୟ କରାଯାଉଛି ତାହା ଚାଷୀଙ୍କ ପ୍ରତି ବିପଦ ଆଣିବ ବୋଲି ଆଲୋଚନା ହେଉଛି । ଗ୍ରାମର ପାଟଜମି ମଧ୍ୟରେ ଯେଉଁ ଡୋଲିଆ ପଡୁଛି ତାହାର ପ୍ରଭାବ ଚାଷଜମି ଉପରେ ପଡ଼ିବ । ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ସବୁ ଚାଷଜମି ବାଲିଚର କିମ୍ବା ବଡ଼ ଧରଣର ନାଳ ଯୋରରେ ପରିଣତ ହେବା ଆଶଙ୍କା ରହିଛି । ଚାଷୀ ଧାନ, ମୁଗ ଓ ବିରି ଫସଲ କରି ନିଜ ଗୁଜୁରାଣ ମେଣ୍ଟାଉଥିବା ବେଳେ ସରକାରଙ୍କ ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟିକୁ ଆଣିଲେ ମଧ୍ୟ ତାହା ଫଳପ୍ରଦ ହେଉନାହିଁ । ଏ ନେଇ ବିଜୟାନନ୍ଦ ବ୍ରହ୍ମ, ମହେନ୍ଦ୍ର କୁମାର ବ୍ରହ୍ମ, ପ୍ରଶାନ୍ତ ବରାଳ, ଗୋକୁଳ ବ୍ରହ୍ମ, ଅଜୟ ବରାଳ, ସର୍ବେଶ୍ୱର ବ୍ରହ୍ମ ଓ ଅନ୍ୟ ଚାଷୀ ପ୍ରମୁଖ ଅଭିଯୋଗ କରିଛନ୍ତି ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

ରାସୋଳ, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ରାସୋଳସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ହିନ୍ଦୋଳ ତହସିଲଦାର ଦୀଲିପ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ସେଣ୍ଟ ଜାଭିୟର୍ସ ଏକାଡେମୀ ଓଡ଼ିଶାର ଚେୟାରମ୍ୟାନ ଅଜିତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡ଼ପଡ଼ା ଲାୟନ ପବ୍ଲିକ ସ୍କୁଲର ଚେୟାରମ୍ୟାନ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବିଧାୟକ ମହେଶ୍ୱର ନାୟକ ଏବଂ କିଶୋର ଚନ୍ଦ୍ର ସାହୁ ଯୋଗଦେଇଥିଲେ । ରାସୋଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଚେୟାରମ୍ୟାନ ରଶ୍ମିକାନ୍ତ ସାହୁଙ୍କ ସମେତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ସମ୍ମିଳନୀ



ଢେଙ୍କାନାଳ, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କପିଳାସ ବିଜ୍ଞାନ କେନ୍ଦ୍ରରେ ଅବସରପ୍ରାପ୍ତ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାୟାଧର ସାହୁ, ନବକିଶୋର ଦେହୁରୀ, ସୁରେନ୍ଦ୍ର ଜେନା ଯୋଗଦେଇ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ସଂଗଠନକୁ ସୁଦୃଢ଼ କରିବାକୁ ମତ ଦେଇଥିଲେ । ସମ୍ମିଳନୀରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୁଗଳ ମିଶ୍ର, ଶରତ ଚନ୍ଦ୍ର ନାୟକ, ବିଜୟ କୁମାର ଦେହୁରୀ, ପ୍ରାଣବନ୍ଧୁ ସାହୁ, ସନ୍ତୋଷ ପରିଡ଼ା, ବିଜୟ ନନ୍ଦ, ଅକ୍ଷୟକୁମାର ଜେନା, ରବିନାରାୟଣ ରାଉତ, କୃତିବାସ ସାହୁଙ୍କ ସମେତ ଜିଲ୍ଲାର ୮ ବ୍ଲକର ୩୨ଜଣ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦେଇଥିଲେ । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଶାନ୍ତ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

**ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ**

# ମୁମ୍ବାଇକୁ ହରାଇ ସେମିରେ ଏମ୍‌ଏମ୍‌ସିସି ସମ୍ବଲପୁର

ଢେଙ୍କାନାଳ, ୧୯ ।୨(ସମିସ)



ସ୍ଥାନୀୟ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସହରସ୍ଥିତ ମୁଖ୍ୟ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ୍ ପ୍ରତିଯୋଗିତାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି । ରକେଟ୍ ଏକାଦଶ ମୁମ୍ବାଇକୁ ୫୩ ରନରେ ପରାସ୍ତ କରି ଏମ୍‌ଏମ୍‌ସିସି ସମ୍ବଲପୁର ଦଳ ସେମିଫାଇନାଲରେ ପ୍ରବେଶ କରିଛି । ଏମ୍‌ଏମ୍‌ସିସି ସମ୍ବଲପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୯୨ରନ କରିଥିଲା । ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ୍ ୬୦ ବଲରେ ୭ ଛକା ଓ ୧୧ ଚୌକା ସହାୟତାରେ ୧୧୦ରନ କରିଥିଲେ । ମୁମ୍ବାଇ ପକ୍ଷରୁ ଅଭିଷେକ କୁମାର ୪ ଓଭରରେ ୨୦ରନ ଦେଇ ୩ ୱିକେଟ ନେଇଥିଲେ । ଜବାବରେ ମୁମ୍ବାଇ ଦଳ ୧୭.୧ ଓଭରରେ ୧୩୯ ରନ କରି ଅଲଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ତାରିଫ ଖାଁ ସର୍ବାଧିକ ୪୦ରନ କରିଥିଲେ । ଏମ୍‌ଏମ୍‌ସିସି ସମ୍ବଲପୁର ପକ୍ଷରୁ ତରଣୀ ସାହା ୨ ଓଭରରେ ୪ ରନ ଦେଇ ୩ ୱିକେଟ ନେଇଥିଲେ । ଏମ୍‌ଏମ୍‌ସିସି ଦଳର ଶୁଭମ ଶତ୍ରୁଜିତ୍ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଅମ୍ପାୟର ସୌମେନ୍ଦ୍ର ପାତ୍ର ଓ ତପନ ବେହେରା ଏହି ମ୍ୟାଚ ପରିଚାଳନା କରିଥିଲେ । ସୁଶୀଲ କୁମାର ସୁନ୍ଦରରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ସନ୍ଦିପ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ ।

ମୁଖ୍ୟଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ କାଳନ୍ଦି ବାରିକ, ସମ୍ମାନିତ ଅତିଥି ଭାବେ ବିଡିଓ ରାହୁଲ ମଣ୍ଡଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ବିଷ୍ଣୁପ୍ରସାଦ ଲେଙ୍କା, ରୁଦ୍ର ନାରାୟଣ ତ୍ରିପାଠୀ, କାଇମାଟି ସରପଞ୍ଚ ଅମିତଜ୍ୟୋତି ସ୍ୱାଇଁ, ବିଜେପି ରାଜ୍ୟ ପରିଷଦ ସଦସ୍ୟା ଭାରତୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ବିଜେପି ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ରଣଜିତ ବିଶାଳ, ଧ୍ରୁବଚରଣ ସ୍ୱାଇଁ, ଏମ୍‌ଜେ ମହିମା, ସୁଚିତ୍ର ବେହେରା, ଅଭିମନ୍ୟୁ ପଣ୍ଡା ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଥମ ସେମି ଫାଇନାଲରେ ସିଏଲଡବ୍ଲ୍ୟୁ କୋଲକାତା ଓ ସୋଲାର କ୍ରିକେଟ କ୍ଲବ କଟକ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

■ ସପ୍ତଶଯ୍ୟା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

# 'କଠିନ ପରିଶ୍ରମ ଦ୍ୱାରା ଛାତ୍ରଛାତ୍ରୀ ନିଜକୁ ପ୍ରତିଷ୍ଠିତ କରିପାରିବେ'

ଢେଙ୍କାନାଳ, ୧୯ ।୨(ସମିସ): ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାର ଜନଜାତି ବର୍ଗରୁ ଆସି ମଧ୍ୟ ଶାସନର ମୁଖ୍ୟ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି । ଛାତ୍ରଛାତ୍ରୀମାନେ ମଧ୍ୟ ଜଣେ ଜଣେ ଭଲ ନାଗରିକ ହୋଇ ଦିନେ ସମାଜର ଉଚ୍ଚ ସ୍ତରକୁ ଯାଇପାରିବେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସାତମାଇଲ ଜନତା ମହାବିଦ୍ୟାଳୟର ପ୍ରାଧାପକ ଡ. ନରେଶ ନାୟକ ଯୋଗଦେଇ କଠିନ ପରିଶ୍ରମ, ଶୃଙ୍ଖଳା ଓ ଧୈର୍ଯ୍ୟ ଦ୍ୱାରା ଛାତ୍ରଛାତ୍ରୀମାନେ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସପ୍ତଶଯ୍ୟା ପଞ୍ଚାୟତର ନାଏବ ସରପଞ୍ଚ ଜ୍ୟୋସ୍ନାମୟୀ ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅୟସକାନ୍ତ ଦାସ ଯୋଗଦେଇଥିଲେ । ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ରଞ୍ଜନ କୁମାର ସାହୁ ଓ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଆଦିତ୍ୟ କୁମାର ପରିଡ଼ା, ଦିଲୀପ ଚୌଧୁରୀ ଓ ଶିକ୍ଷୟିତ୍ରୀ ସୁକାନ୍ତି ବେହେରା, ଶୁଭସ୍ମିତା ବିଶ୍ୱାଳ, ନମିତା ବେହେରା, ମମତା ନାଏକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



